ନିର୍ଭୀକ ଆମ

R.N.I. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

●Vol -1 ●Issue - 6 ●March 01 - 15, 2026 ●Bhubaneswar ●Rs. 5 ●Pages - 08 ●Fortnightly

●ଭାଗ-୧ ●ସଂଖ୍ୟା-୬ ● ମାର୍ଚ୍ଚ ୦୧ - ୧୫, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ


### ୩ ହଜାର କୋଟିର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର

# ଓଡ଼ିଶା ପାଇଁ ବିକାଶ କରିନଥିଲା ବିଜେଡି:ଶାହ

ଭୁବନେଶ୍ୱର: ରାଜ୍ୟସଭା ନିର୍ବାଚନ ପାଇଁ କଂଗ୍ରେସ ସହ ହାତ ମିଳାଇଛି ବିଜେଡି। ପୁଣି 'ଧର୍ମନିରପେକ୍ଷତା' କଥା ଉଠାଇ ବିଜେପିକୁ ଅଡୁଆରେ ପକାଇବାକୁ ଉଦ୍ୟମ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହି ଘଟଣାର ଦିନକ ପରେ ଆଜି ଓଡ଼ିଶା ଗସ୍ତରେ ଆସିଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଏହି ସୁଯୋଗରେ ବିଜେଡିକୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି ଶାହ। ପୂର୍ବ ସରକାର ଦୁଇ ଦଶନ୍ଧିରେ ଓଡ଼ିଶାକୁ ପଛକୁ ଠେଲି ଦେଇଥିଲେ ବୋଲି ଆରୋପ ଲଗାଇଥିଲେ। ପୁଣି ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଆସି ବରିଷ୍ଠ ନେତାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଶାହଙ୍କ ଗସ୍ତକୁ ନେଇ ବିଜେପି ନେତାମାନେ ବେଶ୍ ଉତ୍ସାହିତ ହୋଇଛନ୍ତି। ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜେଡି ନାଁ ନେଇ ନଥିଲେ ବି ପୂର୍ବ ସରକାରକୁ ଭର୍ତ୍ସନା କରିଥିଲେ। ସେ କହିଥିଲେ, ଦୁଇ ଦଶନ୍ଧି ହେଲା ପୂର୍ବ ସରକାର ଓଡ଼ିଶା ପାଇଁ କିଛି ବିକାଶ କରି ନଥିଲେ। ଓଡ଼ିଶାର ଲୋକ ବାରମ୍ବାର ଭୋଟ୍ ଦେଇଥିଲେ ମଧ୍ୟ ପୂର୍ବ ସରକାର ଏହାକୁ ଜନତାଙ୍କ ବାଧ୍ୟବାଧକତା ବୋଲି ଭାବିଥିଲେ। ୨୦ ବର୍ଷ ହେଲା ଓଡ଼ିଶାର ବିକାଶ ଠପ୍ ଥିଲା। ୨୦ ବର୍ଷରେ ଯାହା ହୋଇ ନଥିଲା, ତାହା ଆମେ ପାଞ୍ଚ ବର୍ଷରେ କରି ଦେଖାଇବୁ। କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ବି ସମାଲୋଚନା କରିଥିଲେ ଶାହ। କହିଥିଲେ, ଏଆଇ ସମ୍ମିଳନୀରେ ରାହୁଲ ଗାନ୍ଧୀ ବସ୍ତ୍ର କାଢ଼ି ଯେଉଁଭଳି ପ୍ରତିବାଦ କଲେ ତାହା ଦେଶ ପ୍ରତି ଅପମାନ। ମୁଁ ଏହାକୁ ତୀବ୍ର ନିନ୍ଦା କରୁଛି। ତାଙ୍କର ୨୦ଟି ଯାକ ପ୍ଲାନ୍ ବିଫଳ ହୋଇଛି। ଆଗକୁ ସବୁ ପ୍ଲାନ୍ ଏମିତି ବିଫଳ ହେବ। ଦିନଯାକର ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମ ଶେଷ କଲା ପରେ ରାତିରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଶାହ। ବହୁ ସଂଖ୍ୟାରେ ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବରିଷ୍ଠ ନେତାମାନଙ୍କ ସହ ସେ ବୈଠକ କରିଥିଲେ। ବୈଠକରେ ସରକାର ଓ ସଂଗଠନ ବିଷୟରେ ଆଲୋଚନା ହୋଇଥିଲା। ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟ ବି ସେଠାରେ ପହଞ୍ଚିଥିଲେ। କିଛି ସମୟ ପାଇଁ ସେ ଶାହଙ୍କ ସହ କଥା ହୋଇ ବାହାରକୁ ଆସିଥିଲେ। ପାଖାପାଖି ରାତି ୯ଟା ବେଳେ ଅମିତ ଶାହ ବିମାନବନ୍ଦରକୁ ଯାଇ ନୂଆଦିଲ୍ଲୀ ଫେରିଯାଇଥିଲେ।

ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ

ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା

ଓଡ଼ିଶାର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି।



ଓଡ଼ିଶାର ବିକାଶ ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଗୋଟିଏ ଦିନରେ ୩,୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି। ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ କ୍ଷେତ୍ର ଓ ଜାତୀୟ ସୁରକ୍ଷା ସହିତ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି। ଅପରାହ୍ଣରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଶ୍ରୀ ଶାହ କହିଥିଲେ, ଓଡ଼ିଶାରେ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି। ଚାଷୀଙ୍କୁ ୩୧ ଶହ ଟଙ୍କାର ଏମ୍ଏସ୍‌ପି ପ୍ରଦାନ କରିବାଠାରୁ ଆରମ୍ଭ କରି ମହିଳାଙ୍କୁ ସଶକ୍ତ କରିବା ନିମନ୍ତେ ପାଇଁ 'ସୁଭଦ୍ରା' ଯୋଜନା ପ୍ରଣୟନ କରାଯାଇଛି। ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଓଡ଼ିଶା ପୁଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଓ ପେସାଦାର କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ। ୨୦୨୫ ର ପ୍ରଥମ ୬ ମାସରେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡହାର ୪୧% ବୃଦ୍ଧି ପାଇଛି। ୨୦୨୩ ମସିହାରେ ଏହା ମାତ୍ର ୬.୭% ଥିଲା। ପୁଲିସ ସଂସ୍କାର ସହିତ 'ସହକାରିତା ସେ ସମୃଦ୍ଧି' ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି। ସମବାୟ ମାଧ୍ୟମରେ ସମାଜର ପଛୁଆବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥା'ନ୍ତି। ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଓ ଭାରତ ବିକଶିତ ହେବ। ଏହି ଅବସରରେ ଶ୍ୱେତ କ୍ରାନ୍ତି ୨.୦ର ଅଧୀନ ଅନେକ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି-୨୦୨୬ କାର୍ଯ୍ୟକାରିତାର ଶୁଭାରମ୍ଭ ହୋଇଥିଲା। ଏହି ନୂଆ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି। 'ସହକାରିତା ସେ ସମୃଦ୍ଧି' ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି। ଏହାସହ ୧୫୬୬ ପାକ୍ସର କମନ୍ ସର୍ଭିସ୍ ସେଣ୍ଟର ଲୋକାର୍ପଣ ସହିତ ଅନେକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି।

# କଣିହାଁ ପଞ୍ଚାୟତିରାଜ ବିଭାଗରେ ବଢି ଚାଲିଛି ଦୁର୍ନୀତି

## ●ମୃତ୍ୟୁବରଣ କରିଥିବା ବ୍ୟକ୍ତି ମାନଙ୍କ ନାମରେ ଆସୁଛି ଭତ୍ତା

## ●ଲୋକଙ୍କ ଅଭିଯୋଗ ଭୂତ ଖାଉଛି ଭତ୍ତା

## ●ପଞ୍ଚାୟତ କର୍ମଚାରୀ ଦିନରେ ଲଣ୍ଠନ ଦେଖାଉଥିବା ଅଭିଯୋଗ

କଣିହାଁ : ସରକାର ଯୋଜନା ଉପରେ ଯୋଜନା ଗଢି ଚାଲିଛନ୍ତି । ସରକାରଙ୍କର ମାଳ ମାଳ ଯୋଜନା ର ଧାଡି ଲମ୍ବି ଚାଲିଛି । କିନ୍ତୁ ହିତାଧିକାରୀ ମାନେ ଏହି ଯୋଜନା ଗୁଡିକରୁ କେତେ ମାତ୍ରାରେ ଫଳପ୍ରଦ ହେଉଛନ୍ତି ଏହାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ଅନେକ ପଞ୍ଚାୟତରେ । ସମସ୍ତ ଯୋଜନା ଗୁଡିକ ପ୍ରକୃତ ହିତାଧିକାରୀଙ୍କ ପାଖରେ କେତେ ମାତ୍ରାରେ ଫଳପ୍ରଦ ହେଉଛି ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । କଣିହାଁ ବ୍ଲକ ଅନ୍ତର୍ଗତ ବଡତ୍ରିବିଡା, କଣିହାଁ, ଅର୍କିଳ, ଗଣ୍ଡେମାଳା, ସୁଶୁବା, ରେଙ୍ଗାଳି, ବୁରୁକୁନା, ବଜ୍ରକୋଟ, କୁଲୁମା, ହନୁମାନପୁର ଆଦି ପଞ୍ଚାୟତବାସୀ ମାନଙ୍କ କହିବା ଅନୁଯାୟୀ ପ୍ରକୃତ ହିତାଧିକାରୀ ମାନଙ୍କୁ ଗାଈ ଗୁହାଳ ମିଳିବା ପରିବର୍ତ୍ତେ ମିଳୁଛି ହାତଗୁଞ୍ଜା ଦେଇ ପକେଟ୍ ଗରମ କରିପାରୁଥିବା ପଞ୍ଚାୟତ ର କିଛି ଧନୀ ଶ୍ରେଣୀୟ ବ୍ୟକ୍ତି ମାନଙ୍କୁ । ଗାଈ ନାହିଁ ଯାହାର ଗୁହାଳ ମିଳିଛି ତାକୁ । କେବଳ ଏତିକି ନୁହେଁ ପଞ୍ଚାୟତର ଯେଉଁ ବ୍ୟକ୍ତିମାନେ ଆଜିକୁ ଦେଢବର୍ଷ ତଳୁ ମୃତ୍ୟୁ ବରଣ କରିସାରିଲେଣି ସେମାନଙ୍କର ଭତ୍ତା ଆସୁଛି କିପରି ଓ ଏ ଅର୍ଥରାଶି ନେଉଛି କିଏ ? ରେଙ୍ଗାଳି ଗ୍ରାମପଞ୍ଚାୟତ ରେ ଆଜକୁ ଦୁଇବର୍ଷ ହେବ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ଅର୍ଥରାଶି ପାଇ ପାରୁନାହାନ୍ତି ପ୍ରକୃତ ହିତାଧିକାରୀ । ଏପରି କାର୍ଯ୍ୟ ପାଇଁ ରେଙ୍ଗାଳି ଓ ଗଣ୍ଡେମାଳା ଗ୍ରାମ ପଞ୍ଚାୟତରେ ଭୂତ ଖାଉଛି ଭତ୍ତା ଭଳି ନାନା କଥା ଏ ଅଞ୍ଚଳରେ କାନରୁ କାନ ଘୁରି ବୁଲୁଛି । ପଞ୍ଚାୟତ ର କର୍ମଚାରୀମାନେ ଅନ୍ଧପୁତୁଳି ବାନ୍ଧି ଭତ୍ତା ଦେଉଥିବା କଥା କହୁଛନ୍ତି ପଞ୍ଚାୟତର କିଛି ସମାଜସେବୀ ଭଦ୍ରବ୍ୟକ୍ତି । ପଞ୍ଚାୟତ କର୍ମଚାରୀମାନେ କୁଆଡେ ଲାଞ୍ଚ ନେଇ ଏପରି ମୁହଁ ଦେଖା କାର୍ଯ୍ୟ କରୁଥିବାର କଥା ସୁଶୁବା, ବଜ୍ରକୋଟ, ବୁରୁକୁନା, ରେଙ୍ଗାଳି ଗ୍ରାମପଞ୍ଚାୟତର କିଛି ଭଦ୍ରବ୍ୟକ୍ତି ଜୋର କରି କହୁଥିବା ବେଳେ ଏହାର ପ୍ରକୃତ ତଥ୍ୟ ଖୋଜି ବାହାର କରିବାକୁ ସରକାରଙ୍କୁ ନିବେଦନ କରୁଛନ୍ତି ପଞ୍ଚାୟତବାସୀ । ସରକାର ପ୍ରକୃତ ହିତାଧିକାରୀ ମାନଙ୍କ ପାଇଁ ବିଭିନ୍ନ ଯୋଜନାମାନ କରି ଦେଶ ଓ ରାଜ୍ୟରୁ ଗରିବ ମାନଙ୍କ ଦୁଃଖ ଦୂର କରିବା ପାଇଁ ଅନେକ ଚିନ୍ତିତ ଥିବାବେଳେ , ସରକାରଙ୍କର ସ୍ୱପ୍ନକୁ ଧୂଳିସାତ କରୁଛନ୍ତି ପଞ୍ଚାୟତର କର୍ମଚାରୀମାନେ । ରେଙ୍ଗାଳି ଗ୍ରାମପଞ୍ଚାୟତ ଭଳି ବାଲିପଶି, ବଜ୍ରକୋଟ, ସୁଶୁବା ଗ୍ରାମପଞ୍ଚାୟତରେ ମନରେଗା କାର୍ଯ୍ୟରେ ଶ୍ରମିକ ବଦଳରେ ମେସିନ କାର୍ଯ୍ୟ କରୁଛି । ଏହି ସମସ୍ୟାକୁ ନେଇ ଜବ୍ କାର୍ଡ ଧାରୀ ମାନେ କଣିହାଁ ବ୍ଲକ ବି.ଡ଼ି.ଓ. ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାଲିପସି ପଞ୍ଚାୟତର ଅନ୍ଧାରୀ ଗ୍ରାମକୁ ମନରେଗା ଯୋଜନାରେ ତିନି ଲକ୍ଷ୍ୟ ଟଙ୍କା ବ୍ୟୟର ଏକ ମାଟି ମୁରୁମ ରାସ୍ତା ନିର୍ମାଣ ହେଉଥିବା ବେଳେ ପଞ୍ଚାୟତର କିଛି ପ୍ରଭାଶାଳୀ ବ୍ୟକ୍ତି ଏହି କାର୍ଯ୍ୟରେ ଜେ.ସି.ବି. ମେସିନ ବ୍ୟବହାର କରି କାର୍ଯ୍ୟ କରୁଥିବା ଯୋଗୁଁ ସେଠାରେ ବସବାସ କରୁଥିବା ଆଦିବାସୀ ଓ ହରିଜନ ସଂମ୍ପ୍ରଦାୟର ଗରିବ ଜବ୍ କାର୍ଡଧାରୀ କାମ ପାଉନଥିବା ନେଇ କଣିହାଁ ବି.ଡି.ଓ. ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ରେଙ୍ଗାଳି ଓ ବାଲିପସି ପଞ୍ଚାୟତ ଭଳି ବୁରକୁନା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଦେଖିବାକୁ ମିଳିଛି ମୃତ୍ୟୁବରଣ କରିଥିବା ବ୍ୟକ୍ତି ମାନଙ୍କ ନାମରେ ଆସୁଛି ଭତ୍ତା । କଣିହାଁ ବ୍ଲକ ବୁରୁକୁନା ଓ ରେଙ୍ଗାଳି ଗ୍ରାମପଞ୍ଚାୟତରେ ପଞ୍ଚାୟତ କର୍ମଚାରୀ ଦିନରେ ଲଣ୍ଠନ ଦେଖାଉଛନ୍ତି ପଞ୍ଚାୟତ ବାସୀଙ୍କୁ । ଅନେକ ମୃତ୍ୟୁ ବ୍ୟକ୍ତିଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ଭଳି ଅନେକ ସରକାରୀ ସହାୟତା ରାଶି ଉଠାଇ କିଛି ଅସାଧୁ ପଞ୍ଚାୟତ କର୍ମଚାରୀ ଆତ୍ମସାତ କରିଥିବା ଅଭିଯୋଗରେ ପଞ୍ଚାୟତ ଅଫିସ କୁ ତାଲା ପକାଇଲେ ମୃତ ବ୍ୟକ୍ତିଙ୍କ ହିତାଧିକାରୀ ଓ ପଞ୍ଚାୟତବାସୀ । ସୂଚନା ଅନୁଯାୟୀ ବୁରୁକୁନା, ରେଙ୍ଗାଳି ଗ୍ରାମ ପଞ୍ଚାୟତ ରେ ଏକ ବର୍ଷରୁ ଅଧିକ ହେବ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ଭତ୍ତା ଟଙ୍କା ପାଉଛନ୍ତି କିନ୍ତୁ ସେହି ଭତ୍ତା ଟଙ୍କାକୁ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ପରିବାରର କୌଣସି ସଦସ୍ୟ ପଞ୍ଚାୟତ ଅଫିସକୁ ଆସି ଟଙ୍କା ଉଠାଇ ନଥିବା ବେଳେ ସେହି ଟଙ୍କା ଗଲା କୁଆଡେ । ଏଥିରୁ ପ୍ରମାଣିତ ହେଉଛି କି ପ୍ରଶାସନିକ ଅବହେଳାରୁ ପଞ୍ଚାୟତ ର ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧି ମିଶି ସେହି ଟଙ୍କା କୁ ହଡପ କରିଛନ୍ତି । ଏହା ଆର୍.ଟି.ଆଇ , ଏନ୍.ଏସ୍.ଏ.ପି. ଏବଂ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କର ମୃତ୍ୟୁ ପ୍ରମାଣ ପତ୍ର ତଥ୍ୟରୁ ଜଣାପଡୁଛି । ଏନେଇ ଜିଲ୍ଲାପାଳ, ବିଡ଼ିଓ , ପଞ୍ଚାୟତିରାଜ ସଚିବଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ ପଞ୍ଚାୟତ ବାସୀ । ତେବେ ପଞ୍ଚାୟତିରାଜ ବିଭାଗ ଏପର୍ଯ୍ୟନ୍ତ ଚୁପ୍ ବସିଛି କାହିଁକି । ପଞ୍ଚାୟତ ବାସୀଙ୍କ କହିବା ଅନୁଯାୟୀ ଯଦି ଏକଥା ସତ ତେବେ ପଞ୍ଚାୟତ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ ଓ ପଞ୍ଚାୟତିରାଜ ବିଭାଗ ଏଥିପାଇଁ ଦାୟୀ ନୁହଁନ୍ତି କି । ଜଣେ ଗରିବ ହାତଗୁଞ୍ଜା ଦେଇ ନପାରିବାରୁ ତା'ର ପ୍ରକୃତ ଅଧିକାରରୁ ବଞ୍ଚିତ ହେବା କେତେଦୂର ଠିକ୍ । ଆଗକୁ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏଭଳି ଆଲୋଚନା କୁ ବୁଦ୍ଧିଜୀବୀ ମାନେ ଦୁଃଖ ପ୍ରକାଶ କରିବା ସହ ନିନ୍ଦାର ବିଷୟ ବୋଲି କହିଛନ୍ତି । ଖବର ପ୍ରସାରଣ ପରେ ଦେଖିବାକୁ ବାକି ରହିଲା କି ପଞ୍ଚାୟତିରାଜ ବିଭାଗ ପ୍ରକୃତ ତଥ୍ୟ ଅନୁସନ୍ଧାନ କରି କେବେ ଓ କିପରି କଣିହାଁ ବ୍ଲକ ଗ୍ରାମପଞ୍ଚାୟତ ଗୁଡିକର ପ୍ରକୃତ ହିତାଧିକାରୀ ମାନଙ୍କୁ ନ୍ୟାୟ ପ୍ରଦାନ କରିପାରୁଛି ।







# କରଞ୍ଜିଆ ଉପଖଣ୍ଡର ଷ୍ଟ୍ରବେରୀ ଏବେ ଲଣ୍ଡନ-ଦୁବାଇ

## ମହିଳା ଚାଷୀଙ୍କ ପରିଶ୍ରମରେ ବିଦେଶୀ ବଜାର ଦ୍ୱାର ଖୋଲିଲା



କରଞ୍ଜିଆ : ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡରୁ ପ୍ରଥମଥର ପାଇଁ ଷ୍ଟ୍ରବେରୀ ବିଦେଶକୁ ରପ୍ତାନି ହୋଇ ଅଞ୍ଚଳ ପାଇଁ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛି। ଯଶିପୁର ଓ ଶୁକ୍ରୁଳି ବ୍ଲକରେ ଚାଷ ହୋଇଥିବା ଷ୍ଟ୍ରବେରୀ ପ୍ରଥମ ପର୍ଯ୍ୟାୟରେ ଲଣ୍ଡନ ଓ ଦୁବାଇକୁ ପଠାଯାଇଛି। 'ପାଲାଡିଅମ' ନାମକ ଏକ ସଂସ୍ଥା ମାଧ୍ୟମରେ ଏହି ରପ୍ତାନି କାର୍ଯ୍ୟ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ଏକ କ୍ୱିଣ୍ଟାଲ୍‌ରୁ ଅଧିକ ଷ୍ଟ୍ରବେରୀ ବିଦେଶକୁ ପଠାଯାଇଛି। ଏଥିରେ ୩୪୦ଟି ୨୫୦ ଗ୍ରାମ ଓଜନର ପ୍ୟାକେଟ୍ ରହିଥିଲା। ପ୍ରତି ପ୍ୟାକେଟ୍‌ର ମୂଲ୍ୟ ଶହେ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ବିଦେଶୀ ବଜାରରେ ଏହାର ଚାହିଦା ଭଲ ଥିବା ଜଣାପଡ଼ିଛି। ଲଣ୍ଡନ ଓ ଦୁବାଇରେ କରଞ୍ଜିଆ ଉପଖଣ୍ଡର ଷ୍ଟ୍ରବେରୀ ପ୍ରତି ଗ୍ରାହକଙ୍କ ଆକର୍ଷଣ ବଢ଼ିଥିବା କୁହାଯାଉଛି। ଗତ ଦୁଇ ବର୍ଷ ଧରି କରଞ୍ଜିଆ ଉପଖଣ୍ଡର ଚାଷୀମାନେ କୃଷି ଓ ଉଦ୍ୟାନ ବିଭାଗର ସହଯୋଗରେ ଷ୍ଟ୍ରବେରୀ ଚାଷ କରୁଛନ୍ତି। ପୂର୍ବରୁ ଏହି ଫଳ ସ୍ଥାନୀୟ ବଜାର ସହିତ ଜିଲ୍ଲା , ଜିଲ୍ଲା ବାହାର ଓ ରାଜ୍ୟ ବାହାରର ବଜାରରେ ବିକ୍ରି ହୋଇଆସୁଥିଲା। ବିଶେଷକରି ଟାଟା, ରାଞ୍ଚି ଓ କୋଲକାତା ଭଳି ସହରଗୁଡ଼ିକରେ ଏହାର ଚାହିଦା ଭଲ ରହିଥିଲା। ଚଳିତ ବର୍ଷ ପ୍ରଥମଥର ପାଇଁ ବିଦେଶ ରପ୍ତାନି ହେବାରୁ ଚାଷୀମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖାଯାଇଛି। ଷ୍ଟ୍ରବେରୀ ସଂଗ୍ରହ ପରେ ସେଗୁଡ଼ିକୁ ଯଥାବଧି ଶୀତଳୀକରଣ କରାଯାଇ କୋଲକାତା ପର୍ଯ୍ୟନ୍ତ ପଠାଯାଇଥିଲା। ସେଠାରୁ ଆକାଶ ମାର୍ଗରେ ଲଣ୍ଡନ ଓ ଦୁବାଇକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା। ଏହି ସଂପୂର୍ଣ୍ଣ ପ୍ରକ୍ରିୟାରେ ଗୁଣବତ୍ତା ରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ଯଶିପୁର ଓ ଶୁକ୍ରୁଳି ବ୍ଲକର ୧୧ ଏକର ଜମିରେ ବିଶେଷକରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏହି ଚାଷ କରାଯାଇଛି। ମହିଳା ଚାଷୀମାନେ ଏହାକୁ ଏକ ଆର୍ଥିକ ସଶକ୍ତିକରଣର ମାଧ୍ୟମ ବୋଲି ମାନୁଛନ୍ତି। ସହକାରୀ କୃଷି ନିର୍ଦ୍ଦେଶକ, ଯଶିପୁର ଓ କରଞ୍ଜିଆଙ୍କ କାର୍ଯ୍ୟାଳୟ ପକ୍ଷରୁ ମହିଳା ଚାଷୀ କସ୍ତୁରୀ ଚାତାର ସୂଚନା ଦେଇ କହିଛନ୍ତି ଯେ ବିଦେଶ ରପ୍ତାନି ଆରମ୍ଭ ହେବାରୁ ଆଗାମୀ ଦିନରେ ଏହି ଚାଷ ପ୍ରତି ଆକର୍ଷିତ ହେବେ। କରଞ୍ଜିଆ ଅଞ୍ଚଳର ମାଟି ଓ ପରିବେଶ ଷ୍ଟ୍ରବେରୀ ଚାଷ ପାଇଁ ଉପଯୁକ୍ତ ହେବାରୁ ଫଳର ଗୁଣମାନ ଉତ୍କୃଷ୍ଟ ରହିଛି। ବିଦେଶୀ ବଜାରରେ ସ୍ଥାନ ପାଇବା ମାଧ୍ୟମରେ ଏହି ଅଞ୍ଚଳର କୃଷିକୁ ନୂତନ ପରିଚୟ ମିଳିଛି। ଚାଷୀମାନେ ଆଶା କରୁଛନ୍ତି ଯେ ଆଗାମୀ ଦିନରେ ରପ୍ତାନି ପରିମାଣ ଆହୁରି ବଢ଼ିବ ଓ ସେମାନଙ୍କ ଆୟ ଦ୍ୱିଗୁଣିତ ହେବ। ଏହି ସଫଳତା କେବଳ କରଞ୍ଜିଆ ଉପଖଣ୍ଡ ନୁହେଁ ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବର ବିଷୟ ହୋଇଉଠିଛି। ଗ୍ରାମୀଣ ଅଞ୍ଚଳର ମହିଳା ଚାଷୀମାନଙ୍କ ପରିଶ୍ରମ ଓ ସଂଘବଦ୍ଧ ପ୍ରୟାସ ଆଜି ଆନ୍ତର୍ଜାତୀୟ ବଜାରରେ ସ୍ଥାନ ସୃଷ୍ଟି କରିପାରିଛି।

# ଖର୍ଚ୍ଚ ହେବ ୫କୋଟି ୬୦ ଲକ୍ଷ, ବଦଳିବ ପୁରୁଣା ପାଇପ୍

ପୁରୀ: ୩୦ ବର୍ଷ ତଳେ ପାନୀୟ ଜଳ ଯୋଗାଣ ପାଇଁ ପୁରୀ ସହରର ବିଭିନ୍ନ ଜାଗାରେ ଭୂତଳ ପାଇପ୍ ପକାଯାଇଥିଲା। କ୍ରମେ ରାସ୍ତା ଉଚ୍ଚା ହୋଇ ଚାଲିଲା ଏବଂ ମାଟିତଳେ ଥିବା ପାଇପ୍ ତଳକୁ ତଳକୁ ଚାଲିଲା। ଏବେ ଏହି ପାଇପ୍ ରାସ୍ତାର ୬ଫୁଟ୍ ତଳେ ଅଛି। ଏଣୁ ଲିକ୍ ହେଲେ ଆଉ ମରାମତି ସମ୍ଭବ ହେଉ ନଥିଲା। ଲିକ୍‌କୁ ମରାମତି ନ କରି କଂକ୍ରିଟ୍ ଢଳେଇରେ ପୋତି ଦେଉଥିଲେ। ଫଳରେ ପାଇପ୍‌ରେ ହୋଇଥିବା ଫାଟ ଦେଇ ମାଟି, ସିମେଣ୍ଟ ପଶିଯିବାର ସମ୍ଭାବନା ରହିଥିଲା। ଏବେ ପୁରୁଣା ପାଇପ୍ ସବୁକୁ ହଟାଇବାକୁ ଯୋଜନା ହୋଇଛି। ଏଥିପାଇଁ ୱାଟ୍‌କୋ ଖର୍ଚ୍ଚ କରିବ ୫କୋଟି ୬୦ ଲକ୍ଷ। ଏଥିପାଇଁ ଟେଣ୍ଡର ଜରିଆରେ ଠିକା ସଂସ୍ଥା ଚୟନ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାଦେଶ ଦିଆଯିବ। ୨୦୦୦ ମସିହା ପୂର୍ବରୁ ମାଟିତଳେ ପାନୀୟ ଜଳ ଯୋଗାଣ ପାଇପ୍ ବିଛାଯାଇଥିଲା। ମାଟିତଳେ ରାସ୍ତାକଡ଼ରେ ଏହି ସବୁ ପାଇପ୍ ପଡ଼ିଥିଲା। କ୍ରମେ ସହରର ବିଭିନ୍ନ ରାସ୍ତା ଚଉଡ଼ା ହୋଇଥିଲା। ତା ସହିତ ରାସ୍ତାର ନବୀକରଣ ହୋଇଥିଲା। ନିୟମ ଅନୁସାରେ ରାସ୍ତାକୁ ଖୋଳି ସମାନ ଉଚ୍ଚତା ବିଶିଷ୍ଟ କରିବା କଥା। ହେଲେ ପୌରସଂସ୍ଥା ଏବଂ ରାସ୍ତା ଓ କୋଠାବାଡ଼ି ବିଭାଜନ କୌଣସି ସଂସ୍ଥା ରାସ୍ତା ଖୋଳି ନୂଆ ରାସ୍ତା ତିଆରି କରୁନାହାନ୍ତି। ପୁରୁଣା ପିଚୁ ଉପରେ ନୂଆ ପିଚୁ ପକାଇ ଦେଉଛନ୍ତି। କଂକ୍ରିଟ୍ ରାସ୍ତା ଉପରେ ମଧ୍ୟ ସିମେଣ୍ଟ ବୋଲି ପେଭର ବ୍ଲକ୍ ପକାଇ ଦିଆଯାଉଥିବା ନର୍ଜ ରହିଛି। ଏଣୁ ଯେଉଁ ପାଇପ୍‌ଗୁଡ଼ିକ ମାଟିତଳେ ଥିଲା ରାସ୍ତା ସମ୍ପ୍ରସାରିତ ହେବା ପରେ, ତାହା ରାସ୍ତା ମଝିକୁ ଚାଲିଯାଇଥିଲା। ରାସ୍ତା ଖୋଳାନଯାଇ କାମ ହେଉଥିବାରୁ ରାସ୍ତାର ମୋଟେଇ ବଢ଼ିବଢ଼ି ଚାଲିବାରୁ ଭୂତଳ ପାଇପ୍ ୬ ଫୁଟ୍ ତଳକୁ ଚାଲିଯାଇଥିଲା। କଂକ୍ରିଟ୍ ରାସ୍ତା ତଳେ ଥିବା ପାଇପ୍‌ରୁ ପାଣି ଲିକ୍ ହେଲେ ତାହାକୁ ମରାମତି କରିବା ସମ୍ଭବ ହେଉ ନଥିଲା। ପାଣି କିଭଳି ଉପରକୁ ନ ଆସିବ ତାହାକୁ ବାଲି, ପକାଇ କଂକ୍ରିଟ୍ କରି ପୋତି ଦେଉଥିଲେ। ଅନ୍ୟପଟେ ଭୂତଳ ପାଇପ୍ ଫାଟିଗଲେ ମାଟି ନରମ ହୋଇଯାଉଥିବାରୁ ରାସ୍ତା ଦବି ଯାଉଥିଲା। ଅନେକ ସମୟରେ ରାସ୍ତା ନିର୍ମାଣରେ ଅନିୟମିତତା ଯୋଗୁ ରାସ୍ତା ଦବି ଯାଉଥିଲେ ମଧ୍ୟ ରାସ୍ତା ଓ କୋଠାବାଡ଼ି ବିଭାଜନ(ଆର୍ ଆଣ୍ଡ ବି) ୱାଟ୍‌କୋ ଦୋଷ ଦେଇ ବସିଯାଉଥିଲାକି ମାଟିତଳେ ପାଇପ୍ ଫାଟୁଥିବାରୁ ରାସ୍ତା ଦବି ଯାଉଛି। ନିକଟ ଅତୀତରେ କଲେଜ୍ ଛକ ଓ ଭିଆଇପି ରୋଡ୍‌ରେ ରାସ୍ତା ଦବିଯିବାରୁ ୱାଟ୍‌କୋ ଦୋଷ ଦେଇ ଆର୍ ଆଣ୍ଡ ବି ଖସି ଯାଇଥିଲା। ତେବେ ସବୁଠାରୁ ବଡ଼ ସମସ୍ୟା ଥିଲା କି ଭୂତଳ ପାଇପ୍ ଫାଟିଲେ ମାଟି ପଶିଯାଉଥିବାରୁ ପାନୀୟଜଳ ପ୍ରଦୂଷିତ ହୋଇ ପଡୁଥିଲା। ଲୋକ ଜାଣି ପାରୁ ନଥିଲେ। ସେହି ପ୍ରଦୂଷିତ ପାଣିକୁ ପିଇବା ପାଇଁ ବ୍ୟବହାର କରୁଥିଲେ। ଏଭଳି ନିୟମିତ ଚାଲିବାରୁ ପୁରୁଣା ପାଇପ୍‌କୁ ହଟାଇବାକୁ ଯୋଜନା ହୋଇଥିଲା। ଏଥିପାଇଁ ସର୍ଭେ ହେବା ପରେ ୱାଟ୍‌କୋର ୪ଟି ସେକ୍ସନରେ ୯.୬୮ କିମି ପାଇପ୍ ବିଛାଯିବାକୁ ଯୋଜନା ହୋଇଛି। ପ୍ରଥମେ ନୂଆ ପାଇପ୍ ବିଛାଯିବ। ସେଗୁଡ଼ିକର କମିସନିଂ ସଫଳ ହେବା ପରେ ପୁରୁଣା ପାଇପ୍‌ରୁ ସଂଯୋଗ ବିଚ୍ଛିନ୍ନ କରି ନୂଆ ପାଇପ୍‌ରେ ସଂଯୋଗ କରାଯିବ। ତେବେ କୌତୁହଳପ୍ରଦ ହେଉଛି ପୁରୁଣା ପାଇପ୍‌ଗୁଡ଼ିକୁ ଆଉ ହଟାଯିବ ନାହିଁ। ମାଟିତଳେ ପଡ଼ି ଖତ ଖାଇବ। ଏନେଇ ଆମ୍ ଆଦ୍‌ମୀ ପାର୍ଟି ସଞ୍ଜୀବ ମହାନ୍ତି କହିଛନ୍ତି, ପୁରୀ ମହାନଗର ନିଗମ ହୋଇଛି। ଏହାର କଳେବର ବଢ଼ିବା ସହ ଉନ୍ନତମାନର ସେବା ଯୋଗାଇ ଦେବାପାଇଁ ପ୍ରଶାସନ ପ୍ରୟାସ କରୁଛି। କିନ୍ତୁ ୟୁଟିଲିଟି କରିଡର କାହିଁକି କରାଯାଉନି? ରାସ୍ତା ଓ କୋଠାବାଡ଼ି ବିଭାଜନ ରାସ୍ତା ନିର୍ମାଣ କଲାବେଳେ ଏଭଳି ସ୍ୱତନ୍ତ୍ର ୟୁଟିଲିଟି କଥା କାହିଁକି ଭୁଲିଯାଉଛି? ତଳେ କୋଟି କୋଟି ଟଙ୍କାର ପାଇପ୍ ପୋତା ହୋଇ ରହିଲା, ଏବେ ଉପରେ ୫ କୋଟି ପୋତା ହବ। ସାଧାରଣ ଲୋକଙ୍କ ଜୀବନ ସହ ଖେଳି ଆଉ କେତେ ଦିନ ଏମିତି ଚାଲିଥିବ? ଏନେଇ ୱାଟ୍‌କୋ ମହାପ୍ରବନ୍ଧକ ବିକ୍ରମ ରାଉତ କହିଛନ୍ତି, ନୂଆ ପାଇପ୍ ବିଛା ହୋଇ ଗଲେ ମାଟିତଳୁ ପାଇପ୍ ଫାଟି ପାଣି ଲିକ୍ ହେବା ଆଶଙ୍କା ରହିବ ନାହିଁ।

# ଜିଏମଡିସି କମ୍ପାନୀ ବୋରୱେଲ ଖୋଳିବା ନେଇ ଗ୍ରାମବାସୀଙ୍କ ବିରୋଧ

ଛେଣ୍ଡିପଦା: ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ମାରୁଢ଼ିପ ସଂରକ୍ଷିତ ଜଙ୍ଗଲରେ ବୋରୱେଲ ଖୋଳିବା ନେଇ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ ବିରୋଧ କରିଥିଲେ। ସୂଚନାଯୋଗ୍ୟ ମାରୁଢ଼ିପ, ଲୁଣମାଟି ଗ୍ରାମରେ କୁଡ଼ାନାଳୀ-ଲୁବୁରୀ କୋଇଲା ଖଣି ସ୍ଥାପନ ପାଇଁ ଜିଏମଡିସି କମ୍ପାନୀ ପକ୍ଷରୁ ଜମିଅଧିଗ୍ରହଣ କରୁଛି। ଏହି ଅବସରରେ କଣଲୋଇ ପଞ୍ଚାୟତ ମାରୁଢ଼ିପ ଗ୍ରାମ ଜଙ୍ଗଲରେ କୋଇଲା ପରିମାଣ ଆକଳନ ପାଇଁ ୪୫ଟି ବୋରୱେଲ ଖୋଳିବାକୁ ଉଦ୍ୟମ କରୁଛି। ଗତ ୧୮ ତାରିଖ ଦିନ ମାରୁଢ଼ିପ ସଂରକ୍ଷିତ ଜଙ୍ଗଲରେ କମ୍ପାନୀ ପକ୍ଷରୁ ବୋର ମେସିନ ନେଇ ଜଙ୍ଗଲରେ ବୋରୱେଲ ଖୋଳିବାକୁ ପହଞ୍ଚିଥିଲେ। ଗ୍ରାମବାସୀ ବିରୋଧ ପରେ ବୋର ଖୋଳିବା ବିଫଳ ହୋଇଥିଲା। ଗତକାଲି ରେଞ୍ଜର ଶୁଭ୍ରାସୁଚିସ୍ମିତା ମହାପାତ୍ରଙ୍କ କମ୍ପାନୀ ର ମଧ୍ୟସ୍ତ ସାଜି ଛେଣ୍ଡିପଦା ବନ ବିଭାଗ କାର୍ଯ୍ୟାଳୟରେ କମ୍ପାନୀ ଅଧିକାରୀ ଓ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ସର୍ବସାଧାରଣ ଉପସ୍ଥିତିରେ କମ୍ପାନୀ ଅଧିକାରୀ ଆଲୋଚନା କରିବାକୁ ଉପସ୍ଥିତ ଭଦ୍ରବ୍ୟକ୍ତି ପରାମର୍ଶ ଦେଇଥିଲେ। ପରାମର୍ଶ ଅନୁଯାୟୀ ଗ୍ରାମ ଚଉପାଢ଼ିରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ଓ ସରପଞ୍ଚ ଜନ୍ମେଞ୍ଜୟ ମାଝୀଙ୍କ ଉପସ୍ଥିତିରେ ଗ୍ରାମବାସୀ ଜଙ୍ଗଲରେ ବୋରୱେଲ ଖନନ ଓ ଜମିଅଧିଗ୍ରହଣକୁ ଗ୍ରାମର ପୁରୁଷ ଓ ମହିଳା ତୀବ୍ର ବିରୋଧ କରିଥିଲେ। ବୈଠକ ବିଫଳ ଓ ଗ୍ରାମବାସୀଙ୍କ ଉତ୍ତେଜନା ପରେ ପୋଲିସ ଓ କମ୍ପାନୀ ଅଧିକାରୀ ଫେରିଥିଲେ। ତେବେ ଏହି କୋଇଲା ଖଣି ପାଇଁ ସଂରକ୍ଷିତ ଜଙ୍ଗଲରେ ମେସିନ ମାଧ୍ୟମରେ ବୋର କରାଯାଇ କୋଇଲା ସର୍ଭେ ପାଇଁ ବାରମ୍ବାର ଉଦ୍ୟମ କରୁଥିବା ବେଳେ ମାରୁଢିପ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବା ସହିତ ମେସିନଙ୍କୁ ଗାଁରେ ଅଟକ ରଖିଛନ୍ତି। ଏନେଇ କମ୍ପାନୀ ପକ୍ଷରୁ ଚାପ ପକାଇ ଗତକାଲି ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିବା ବେଳେ ମାରୁଢିପ ଗାଁ ମଝିରେ ଥିବା କୋଠ ଘର ଠାରେ ବାଗଡିଆ ଥାନା ପୋଲିସ ଉପସ୍ଥିତିରେ କମ୍ପାନୀ କର୍ମଚାରୀ ମାନଙ୍କୁ ନେଇ ବୈଠକ ହୋଇଥିଲା। ମାରୁଢିପ ଗାଁର ଶତାଧିକ ପୁରୁଷ ଓ ମହିଳା ବୈଠକରେ ଯୋଗ ଦେଇ ଜଙ୍ଗଲରେ ମେସିନ ସର୍ଭେ କରାଇ ଦେବେ ନାହିଁ ବୋଲି କଡା ଚେତାବନୀ ଦେଇଥିଲେ। ଏନେଇ ବୈଠକରେ ଗ୍ରାମବାସୀ ସପକ୍ଷବାଦୀ ମଧ୍ୟରେ ଉତ୍ତେଜନା ମୂଳକ ସ୍ଥିତି ଦେଖିବାକୁ ମିଳିଥିଲା । ଗ୍ରାମବାସୀଙ୍କ କହିବା ଅନୁଯାୟୀ ମାରୁଢିପ ଜଙ୍ଗଲରୁ ଗ୍ରାମବାସି ଶହେ ବର୍ଷରୁ ଉର୍ଦ୍ଧ ହେବ ଜଗି ରହିଥିବା ବେଳେ ଜଙ୍ଗଲରୁ ଉପକୃତ ହୋଇଥାନ୍ତି। ଏହି ଜଙ୍ଗଲରେ ହାତୀଙ୍କ ସମେତ ବନ୍ୟଜନ୍ତୁଙ୍କ ବାସ ସ୍ଥାନ ରହିଛି। ଜଙ୍ଗଲ ଯୋଗୁଁ ପତ୍ର, ମହୁଲ, ଶୁଖିଲା ଜାଳେଣି ସହିତ ଅନେକ ଲାଭ ମିଳୁଛି କ୍ଷ ତେଣୁ ଏଠାରେ କୋଇଲା ଖଣି କରାଇ ଦେବୁନାହିଁ ବୋଲି ଜିଦ ଧରିଥିଲେ ଗ୍ରାମବାସୀ। ଫଳରେ ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ କମ୍ପାନୀ କର୍ମଚାରୀ ମାନେ ପଳାଇ ଯାଇଥିଲେ । ଗ୍ରାମବାସମାନେ ଏହାକୁ ବିରୋଧ କରିବା ସହ ବଞ୍ଚିଥିବା ଯାଏ ଜଙ୍ଗଲ ଛାଡିବୁ ନାହିଁ ବୋଲି କହିଛନ୍ତି।









# ଇଟା ମାଫିଆଙ୍କ କବ୍‌ଜାରେ ପ୍ରଶାସନ

## ମାଳମାଳ ବେଆଇନ ଇଟାଭାଟି, ପ୍ରଶାସନ ନିରବ

## ଲୋକ ଦେଖାଣିଆ ଚାଲିଛି ଭଙ୍ଗା, ପ୍ରଶାସନିକ କର୍ମଚାରୀଙ୍କ ପକେଟ୍ ଗରମ

## ଇଟା ପୋଡ଼ିବା ପାଇଁ ଟନ୍ ଟନ୍ ଚୋରା କୋଇଲା ବ୍ୟବହୃତ ହୋଇଛି



ଅନୁଗୋଳ : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ ଦିନକୁ ଦିନ ଅସଂଖ୍ୟ ବେଆଇନ ଇଟାଭାଟି ବଢ଼ିଚାଲିଛି । ବିନା ଲାଇସେନ୍ସରେ ମାଟି ଇଟାଭାଟି ତିଆରି କରି ଇଟା ପୋଡୁଛନ୍ତି ମାଫିଆ, ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି, ସେପଟେ ଇଟାଭାଟି ମାଫିଆ ମାଲେମାଲ୍ ହେଉଛନ୍ତି । ଇଟା ଭାଟିରୁ ନିର୍ଗତ ନିଆଁ ଓ ଧୂଆଁରେ ପରିବେଶ ପ୍ରଦୂଷିତ ହୋଇଗଲାଣି । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକରେ କଳକାରଖାନା ପାଇଁ ତାପମାତ୍ରା ବଢ଼ି ଚାଲିଛି । ଅସହ୍ୟ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ ଭିତରେ ତାତି ସହ ହାତ ମିଳାଇଛି ବେଆଇନ୍ ଇଟାଭାଟି । ପରିବେଶ ପ୍ରଦୂଷଣକାରୀ ପୋଡ଼ା ଭାଟି ଇଟାକୁ ନାସନାଲ ଗ୍ରିନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବେଆଇନ ଘୋଷଣା କରି ରୋକ ଲଗାଇବା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଜାରି କରିଛି ଓ କଣିହାଁ ବ୍ଲକର ବିଭିନ୍ନ ଜନବସତି ଗାଁ ଗୁଡ଼ିକ ଯଥା : କର୍ଣ୍ଣପାଳ ଆର୍.ଆଇ ଅଧୀନରେ ଥିବା ଅର୍କୀଳ , ସୁଲେଇପାଳ , ଗଣ୍ଡେମାଳା , ସୁଶୁବା , ପୋଡ଼ାଗଡ଼ , ଗେଙ୍ଗୁଟିଆ ଏବଂ ବଜ୍ରକୋଟ ଆର୍.ଆଇ ଅଧୀନରେ ଥିବା ଅଞ୍ଚଳ ନାଲମ ,ତାଳପଦା ଆଦି ସ୍ଥାନ ଗୁଡ଼ିକରେ ଶହଶହ ଇଟାଭାଟି ଗଢ଼ି ଉଠିଛି । ଫଳରେ ଇଟାଭାଟିରୁ ନିର୍ଗତ ନିଆଁ ଓ ଧୂଆଁ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି । ଏହା ଯୋଗୁଁ ଜଙ୍ଗଲ ଧ୍ୱଂସ ହେବା ସହ ମୃତ୍ତିକା କ୍ଷୟ ହେଉଛି , ଗୋଚର ଭୂମି କମିବା ସହିତ ମାଟି ନେବା ଯୋଗୁ ବ୍ରାହ୍ମଣୀନଦୀ କୂଳ ଖାଇଯାଉଛି । ସରକାରୀ ନିୟମ ଅନୁସାରେ, ଖରାଦିନେ ମାଟି ଇଟା ପୋଡ଼ାଯାଇ ପାରିବ ନାହିଁ । ବେଆଇନ ଇଟା ଭାଟି ଗୁଡ଼ିକ ଉପରେ ପ୍ରଶାସନ ଚଢ଼ାଉ କରିବା ପରିବର୍ତ୍ତେ କର୍ମଚାରୀମାନେ ହାତଗୁଞ୍ଜା ନେଇ ସେମାନଙ୍କୁ ପ୍ରୋତ୍ସାହିତ କଲାଭଳି ମନେ ହେଉଛି । ଆବାସ ଯୋଜନା ହିତାଧିକାରୀ ମାନେ ଘର ତିଆରି ପାଇଁ ଇଟା ପକାଉଥିବା ଆଳ ଦେଖାଇ ଇଟା ବେପାରୀଙ୍କୁ ସ୍ଥାନୀୟ ପ୍ରଶାସନ ଖୋଲା ଛାଡ଼ି ଦେଇଛି । ଫଳରେ କଣିହାଁ ତହସିଲର ଗ୍ରାମାଞ୍ଚଳ ଗୁଡିକରେ ପୋଡ଼ା ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି । ଅଭିଯୋଗ ହେଲେ କେବଳ ଲୋକ ଦେଖାଣିଆ ସରକାରୀ ବାବୁମାନେ ଶୀତ ତାପ ଗାଡ଼ିରେ ବୁଲିବୁଲି କିଛି ଅର୍ଥ ଉପାର୍ଜନ କରି ଆସୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଯାହା ଫଳରେ ପ୍ରଶାସନ ଅଧିକାରୀ ମାନଙ୍କ ପାଇଁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ଅସାଧୁ ଇଟା ମାଫିଆମାନେ ପୋଡ଼ା ଇଟା ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି । ମାଟିଇଟା ପୋଡ଼ିବା ସମ୍ପୂର୍ଣ୍ଣ ବ୍ୟାନ୍ ହୋଇଥିବା ବେଳେ ପ୍ରଶାସନ ଚୁପ୍ ବସିଥିବାରୁ ଇଟା ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ସରକାରୀ ଜାଗାରେ ଗଣ୍ଡାଗଣ୍ଡା ଇଟା ଭାଟି କରି ବେପାରୀମାନେ ମାଲାମାଲ୍ ହେଉଛନ୍ତି । ପ୍ରଶାସନକୁ ଅଞ୍ଚଳବାସୀ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ । ଏହା ଦ୍ୱାରା ଜନବସତି ଅଞ୍ଚଳରେ ଅସହ୍ୟ ତାତି ଓ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଛନ୍ତି । ମୃତ୍ତିକା ସଂରକ୍ଷଣ ଆଇନ ମୁତାବକ କେହି ମାଟିଇଟା ତିଆରି କରିପାରିବେ ନାହିଁ କିମ୍ବା କିଣାବିକା କରିପାରିବେ ନାହିଁ । ପାଉଁଶ ଇଟା କେବଳ ବ୍ୟବହାର କରିବାକୁ ପ୍ରଦୂଷଣ ଓ ଫ୍ୟାକ୍ଟ୍ରି ବଏଲର ବିଭାଗର ନିର୍ଦ୍ଦେଶ ଅଛି । ଇଟା ମାଫିଆମାନେ କିନ୍ତୁ ଏହି ନିୟମକୁ ଫୁ କରି ଉଡ଼ାଇ ଦେଇଛନ୍ତି । ଇଟା ମାଫିଆଙ୍କ ହାତମୁଠାରେ ଖେଳନା ସାଜିଛି କଣିହା ପ୍ରଶାସନ । ଇଟା ପାଇଁ ମାଟି ଖୋଳାଯାଉଥିବାରୁ ବ୍ରାହ୍ମଣୀନଦୀ କୂଳ ଖାଲ ହୋଇ ନିକଟ ଜନବସତି ପ୍ରତି ବିପଦ ସୃଷ୍ଟି କରୁଛି । ସେପଟେ ଇଟା ପୋଡ଼ିବା ପାଇଁ ଟନ୍ ଟନ୍ କୋଇଲା ବ୍ୟବହାର କରାଯାଉଛି । କୋଇଲା ଧୂଆଁ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି । ଇଟା ଭାଟିରୁ ନିର୍ଗତ ଦୂଷିତ ଧୂଆଁ ଯୋଗୁଁ ଆଖପାଖ ଅଞ୍ଚଳର ଗ୍ରାମବାସୀ , ଗୃହପାଳିତ ପଶୁପକ୍ଷୀ ଆଦି ଅନେକ ରୋଗର ଶିକାର ହେଉଛନ୍ତି । ଅବାଧରେ କୋଇଲା ବିକ୍ରି ପାଇଁ ଏମ୍‌ସିଏଲ୍ ପକ୍ଷରୁ ଅନୁମତି ଦିଆଯାଏ ନାହିଁ । ତେଣୁ ଇଟାଭାଟିରେ ବ୍ୟବହାର ହେଉଥିବା କୋଇଲା ଚୋରା କୋଇଲା ହୋଇଥିବା ସାଧାରଣରେ ଆଶଙ୍କା କରାଯାଇଛି, ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଥାଶୀଘ୍ର ସମ୍ଭବ ପ୍ରଶାସନ ପକ୍ଷରୁ ଏହି ବେଆଇନ ଇଟାଭାଟି ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ହିର୍ଲି ପର୍ଯ୍ୟଟନସ୍ଥଳୀ ପାଇଁ ୫ କୋଟି ଅନୁଦାନ

# ଜବରଦଖଲକାରୀଙ୍କ ପ୍ରେମରେ ବନ୍ଧା ପଡିଛି ପ୍ରଶାସନ

ନବରଙ୍ଗପୁର: ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ଆଦିବାସୀ ବହୁଳ ନବରଙ୍ଗପୁର ଜିଲ୍ଲା ଏବେ ଜବରଦଖଲ ଜିଲ୍ଲା ଭାବେ ରାଜ୍ୟ ତଥା ଜାତୀୟ ମାନଚିତ୍ରରେ ନିଜର ସ୍ଥିତି ଜାହିର କରିଛି । ସରକାରୀ ରାଜସ୍ୱ ଜମିଠାରୁ ସଂରକ୍ଷିତ ଜଙ୍ଗଲ ଆଉ ରାଜ୍ୟ ତଥା ଜାତୀୟ ରାଜପଥ ଠାରୁ ପର୍ଯ୍ୟଟନ ସ୍ଥଳୀ ସବୁଠି ଜବର ଦଖଲ କବଳରେ ସରକାରୀ ଜମି । ପ୍ରଶାସନ ପକ୍ଷରୁ ଉନ୍ନୟନ କାମରେ ଯେତିକି ମନ୍ଥର ଗତି ଜବରଦଖଲ ଉଚ୍ଛେଦରେ ସେତିକି ହତାଶ ପରିସ୍ଥିତି ଉପୁଜିଛି । ଉପାନ୍ତ ଗ୍ରାମାଞ୍ଚଳତ ଦୂରର କଥା ଖୋଦ ପ୍ରଶାସନ ଛାତି ଉପରେ ରହିଥିବା ହିର୍ଲି ପର୍ଯ୍ୟଟନ ସ୍ଥଳୀ ଏବେ ରାଜ୍ୟ ତଥା ରାଜ୍ୟ ବାହାର ଜବରଦଖଲକାରୀଙ୍କ କବଳରେ ରହିଛି । କୋଟି କୋଟି ଅନୁଦାନ ବିନିଯୋଗ ପରେ ମଧ୍ୟରେ ଆକର୍ଷଣ ହରାଇ ଶ୍ରୀହୀନ ଅବସ୍ଥାରେ ପଡ଼ିରହିଛି ପର୍ଯ୍ୟଟନସ୍ଥଳୀ ।

ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଉପକଣ୍ଠ ହିର୍ଲି ମୌଜାରେ ରହିଛି ୫୦.୧୫ ଏକର ପରିମିତ ପର୍ବତ । ଏହି ପର୍ବତ ଜମିରୁ ପ୍ରଶାସନ ୭. ୪୦ ଏକର ଜମି ପର୍ବତରୁ ଘରବାରି କିସମକୁ ପରିବର୍ତ୍ତନ କରିବାପରେ କିଛି ଭୂମିହୀନ ପରିବାରଙ୍କ ସମେତ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବାସଭବନ ନିର୍ମାଣ ନିମନ୍ତେ ପ୍ରଦାନ କରିଛି । ତେବେ ବିଡମ୍ବନାର ବିଷୟ ଏହାର ସୁଯୋଗରେ ବହୁ ଜବରଦଖଲକାରୀ ସ୍ଥାନୀୟ ନେତା ଓ ଜନ ପ୍ରତିନିଧିଙ୍କୁ ହାତବାରିସୀ କରି ଏକର ଏକର ସରକାରୀ ଜମି ଦଖଲ କରିବାସହ ଦୁଇ ମହଲା ପ୍ରାସାଦ ନିର୍ମାଣ କରି ଭଡ଼ାସୂତ୍ରରେ ଅଥବା ବାସସ୍ଥାନ ଭାବେ ବ୍ୟବହାର କରୁଛନ୍ତି । ଅନ୍ୟପଟେ ବିପରୀତ ପାର୍ଶ୍ୱରେ ରହିଥିବା କିଛି ଗରୀବ ଶ୍ରେଣୀର ପରିବାର ପ୍ରଶାସନ ନାଲିଆଖି ପାଇଁ ପକ୍କା ଘର ନିର୍ମାଣ କରିନପାରି ପଲିଥିନ କୁଡ଼ିଆରେ ଦୁର୍ବିସହ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ପ୍ରଶାସନ ହୃଦୟ ବଡବଡିଆଙ୍କ ପାଇଁ କୋମଳ ଆଉ ଗରୀବଙ୍କ ବେଳକୁ କଠୋର ହେଉଥିବା ପରିଲକ୍ଷିତ ହେଉଛି ।

ସେହିଭଳି ପର୍ଯ୍ୟଟନ ସ୍ଥଳୀ ବିକାଶ ନାମରେ ପର୍ଯ୍ୟାୟକ୍ରମେ ୩ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ସରିବାପରେ ମଧ୍ୟ ଆଉଆଖିରେ ଚାହୁଁନାହାନ୍ତି ପର୍ଯ୍ୟଟକ । ନିକଟରେ ଗତ ଜୁନ ମାସରେ ଦିଶା ବୈଠକରେ ହିର୍ଲି ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ଆଲୋଚନା ହୋଇଥିବାବେଳେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପର୍ଯ୍ୟଟନ କ୍ଷେତ୍ର ଗସ୍ତକରି ବିକାଶ ନିମନ୍ତେ ଆଶ୍ୱାସନା ଦେଇଛନ୍ତି ।





ସେହିଭଳି ଗତ ଅଗଷ୍ଟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲା ଗସ୍ତରେ ପହଞ୍ଚି ସମୀକ୍ଷା ବୈଠକରେ ହିର୍ଲି ବିକାଶ ଉପରେ ଆଲୋଚନା କରିଛନ୍ତି । ପ୍ରଶାସନ ଦ୍ୱାରା ଗଠିତ ହିର୍ଲି ପର୍ବତ ଉନ୍ନୟନ କମିଟି ପକ୍ଷରୁ ୧ ହଜାର କୃଷ୍ଣଚୁଡା ଓ ରାଧାଚୁଡା ଗଛ ଲଗାଇବା ପ୍ରସ୍ତାବ ରହିଥିବା ବେଳେ ପୋଲିସ କଣ୍ଟ୍ରୋଲରୁମ, ବାୟୋ ଟଏଲେଟ, ଯୋଗ କେନ୍ଦ୍ର, ଉଡେନ ୱାଚ ଟାୱାର ଭଳି ବହୁ ଆକର୍ଷଣୀୟ ପ୍ରସ୍ତାବ ରହିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ । ପୂର୍ବରୁ ତିଆରି ଆକର୍ଷଣୀୟ ଅଙ୍କାବଙ୍କା ରାସ୍ତା, ଓପନ ଜିମ, ଶିଶୁ ଉଦ୍ୟାନ ଅଦରକାରୀ ଅବସ୍ଥାରେ ପଡ଼ିରହିଛି । ପର୍ଯ୍ୟଟନସ୍ଥଳୀକୁ ପ୍ରଶାସନ ଜବରଦଖଲ ମୁକ୍ତ କରିବାରେ ଅସଫଳ ରହିଥିବାବେଳେ କେବେ ଉଦୟ ହେବ ହିର୍ଲି ପର୍ବତ ଭାଗ୍ୟ ତାକୁ ସାଧାରଣରେ ଅପେକ୍ଷା ରହିଛି କ୍ଷ ନିକଟରେ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବରଙ୍ଗପୁର ଗସ୍ତରେ ପହଞ୍ଚି ହିର୍ଲି ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଥିଲେ । ପର୍ଯ୍ୟଟନ ସ୍ଥଳୀ ବିକାଶ ନିମନ୍ତେ ୫ କୋଟି ଅନୁଦାନ ଘୋଷଣା କରିଥିଲେ । ତେବେ ଅନୁଦାନ ରେ ପର୍ଯ୍ୟଟନ ସ୍ଥଳୀ ବିକାଶ ସହ ଜବରଦଖଲ ହଟାଇବାକୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉଛି ନା ନାହିଁ ତାଉପରେ ସବୁରି ନଜର ରହିଛି ।

# ଭାବବିହ୍ୱଳ ହେଲେ ଦିଲୀପ ରାୟ: ବିଜୁ ପଟ୍ଟନାୟକଙ୍କୁ ନେଇ କହିଦେଲେ ବଡ଼ କଥା

ଭୁବନେଶ୍ୱର: ଓଡ଼ିଶାରେ ଖାଲି ପଡ଼ିଥିବା ରାଜ୍ୟ ସଭା ଆସନ ପାଇଁ ଗୁରୁବାର ନାମାଙ୍କନ ଦାଖଲ କରିବେ ୫ ପ୍ରାର୍ଥୀ। ଓଡ଼ିଶାରୁ ଏଥର ୪ ପ୍ରାର୍ଥୀ ରାଜ୍ୟ ସଭାକୁ ଯିବେ। ଭାଜପା ପକ୍ଷରୁ ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ ହୋଇଥିବାବେଳେ ତୃତୀୟ ଆସନ ପାଇଁ ବିଜେଡିର ସଂତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ଚତୁର୍ଥ ଆସନ ପାଇଁ ରୋଚକ ଲଢେଇ ହେବ। ଚତୁର୍ଥ ଆସନରେ ଦତ୍ତେଶ୍ୱର ହୋତା ବନାମ ଦିଲ୍ଲୀପ ରାୟ ଅଛନ୍ତି। ବିଜେଡି ଓ କଂଗ୍ରେସ କମନ କ୍ୟାଣ୍ଡେଟ ପ୍ରାର୍ଥୀ ଦତ୍ତେଶ୍ୱରକୁ ସମର୍ଥନ ଦେବେ। ସେହିପରି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି ଦିଲ୍ଲୀପ ରାୟ ।ତେବେ ନାମାଙ୍କନ ପୂର୍ବରୁ ଭାବପ୍ରବଣ ହୋଇପଡ଼ିଛନ୍ତି ଦୀଲିପ ରାୟ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନରେ ତାଙ୍କୁ ମନେପକାଇ କହିଛନ୍ତି, ଆଜି ମୋର ଗୁରୁ ବିଜୁ ବାବୁଙ୍କ ଜନ୍ମବାର୍ଷିକୀରେ, ଭାରତୀୟ ଜନତା ପାର୍ଟିର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଜ୍ୟ ସଭା ପାଇଁ ମୋର ନାମାଙ୍କନ ଦାଖଲ କରିବା ସମୟରେ, ମୋର ହୃଦୟ ଭାବବିହ୍ୱଳ ହୋଇପଡୁଛି ।ମୋ ପାଇଁ, ମାର୍ଚ୍ଚ ୫ କେବେବି କ୍ୟାଲେଣ୍ଡରରେ କେବଳ ଏକ ତାରିଖ ହୋଇନାହିଁ। ଏହା ଏକ ଏପରି ଦିନ ଯାହା ସ୍ମୃତି, ଶକ୍ତି, ମାର୍ଗଦର୍ଶନ ଏବଂ କୃତଜ୍ଞତାର ଏକ ଅପୂର୍ବ ଭାବନାକୁ ଫେରାଇ ଆଣେ। ଏହି ଦିନ ମୁଁ ସେହି ଉଚ୍ଚକୋଟୀର ବ୍ୟକ୍ତିତ୍ୱ ଏବଂ ପିତାଙ୍କ ପରି ବ୍ୟକ୍ତିଙ୍କୁ ମନେ ପକାଏ ଯିଏ କେବଳ ଓଡ଼ିଶାର ଭାଗ୍ୟକୁ ନୁହେଁ, ବରଂ ସାର୍ବଜନୀନ ଜୀବନରେ ମୋର ନିଜ ଯାତ୍ରାକୁ ମଧ୍ୟ ଗଢ଼ି ତୋଳିଥିଲେ ।ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଠିଆ ହୋଇ, ମୁଁ ତାଙ୍କ ଆଶୀର୍ବାଦ ଅନୁଭବ ନ କରି ରହିପାରୁନାହିଁ। ସେ ମୋ ଭିତରେ ଯେଉଁ ଆଦର୍ଶ ସୃଷ୍ଟି କରିଥିଲେ – ନିଷ୍ପତ୍ତି ନେବାରେ ସାହସ, ସବୁକିଛି ଉପରେ ଓଡ଼ିଶା ପ୍ରତି ପ୍ରତିବଦ୍ଧତା ।



# ଭାରତର ଜଳବାୟୁ ଓ ସ୍ୱାସ୍ଥ୍ୟ ସଙ୍କଟ ମୁକାବିଲାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାଜିବ ଅସ୍ତ୍ର




କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଜଳବାୟୁ ବିଜ୍ଞାନର ମିଳିତ ଶକ୍ତି ଭାରତରେ ହାଇପର-ଲୋକାଲ୍ ତାପ ଚାପ ଏବଂ ରୋଗ ଆଶଙ୍କାକୁ ମାସ ମାସ ଆଗରୁ ଭବିଷ୍ୟବାଣୀ କରିବାକୁ ସମ୍ଭବ କରିଛି, ଯାହା ସଙ୍କଟ ଆସିବା ପରେ ପ୍ରତିକ୍ରିୟାଶୀଳ ପରିଚାଳନା ବଦଳରେ ସକ୍ରିୟ ପ୍ରସ୍ତୁତିକୁ ସମ୍ଭବ କରୁଛି। ୨୦୨୪ରେ ଭାରତରେ ପ୍ରାୟ ୨୦ ଦିନ ତାପଦାହ ଅନୁଭୂତ ହୋଇଥିଲା, ଯାହାର ମଧ୍ୟରୁ ୬ରୁ ୭ ଦିନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଥିବା ବୋଲି ଅନୁମାନ କରାଯାଇଛି। ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗଭୀର ଚାପରେ ପକାଇଛି, ତାପଜନିତ ମୃତ୍ୟୁ ଏବଂ ଡେଙ୍ଗୁ ଭଳି ରୋଗର ଆଶଙ୍କା ବଢ଼ିଛି। କିନ୍ତୁ ବିପଦ ପରିଚାଳନା ଏବେ ମଧ୍ୟ ପ୍ରାୟତଃ ପ୍ରତିକ୍ରିୟାଶୀଳ ରହିଛି। ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ଡାଟା-ଚାଳିତ ପ୍ରସ୍ତୁତିକୁ ସଂସ୍ଥାଗତ କରିବା, ଯାହା ଦୁର୍ବଳ ଜନସଂଖ୍ୟାକୁ ରକ୍ଷା କରିବାରେ ସାହାଯ୍ୟ କରିବ, କେବଳ ପ୍ରଯୁକ୍ତିଗତ କ୍ଷମତା ଉପରେ ନିର୍ଭର ନକରି। ଏଆଇ ଜଳବାୟୁ-ପ୍ରେରିତ ସ୍ୱାସ୍ଥ୍ୟ ସଙ୍କଟକୁ କମାଇବାରେ ବିପ୍ଳବ ଆଣୁଛି କାରଣ ଏହା ଆଗାମୀ ହାଇପର-ଲୋକାଲ୍ ଆଶଙ୍କା ଭବିଷ୍ୟବାଣୀକୁ ସକ୍ରିୟ କରୁଛି। ଭେକ୍ଟର-ବୋର୍ନ ରୋଗ ପାଇଁ ହାଇପର-ଲୋକାଲ୍ ଭବିଷ୍ୟବାଣୀ ନିରୀକ୍ଷଣରେ ଏଆଇ ସାଟେଲାଇଟ୍ ଚିତ୍ର ସହିତ ସାମାଜିକ-ଆର୍ଥିକ ଡାଟାକୁ ମିଶାଇ ସହରୀ ତାପ ଦ୍ୱୀପକୁ ଚିହ୍ନଟ କରୁଛି ଏବଂ ତାପ ଘଟଣା ସମୟରେ ସ୍ୱଚାଳିତ ହାଇପର-ଲୋକାଲ୍ ସତର୍କତା ଜାରି କରୁଛି। ଏହା ଜିଲ୍ଲା-ବ୍ୟାପୀ ଚେତାବନୀରୁ ରାସ୍ତା-ସ୍ତରୀୟ ସ୍ୱାସ୍ଥ୍ୟ ଆଶଙ୍କା ମ୍ୟାପିଙ୍ଗକୁ ପରିବର୍ତ୍ତନ କରୁଛି, ବିଶେଷକରି ତାପ ଏବଂ ବନ୍ୟା ପାଇଁ। ଭାରତ ଫୋର୍କାଷ୍ଟିଙ୍ଗ୍ ସିଷ୍ଟମ୍ ୬ କିଲୋମିଟର ରେଜୋଲ୍ୟୁସନ୍‌ରେ ଭବିଷ୍ୟବାଣୀ ପ୍ରଦାନ କରୁଛି, ଯାହା ୨୦୨୫ ପର୍ଯ୍ୟନ୍ତ ଅତ୍ୟଧିକ ବର୍ଷାର ସଠିକତାକୁ ୩୦ ପ୍ରତିଶତ ବଢ଼ାଇଛି, ଆର୍କା ଏବଂ ଅରୁଣିକା ସୁପରକମ୍ପ୍ୟୁଟିଙ୍ଗ୍ ସୁବିଧା ଦ୍ୱାରା ଚାଳିତ।

ଭେକ୍ଟର-ବୋର୍ନ ରୋଗ ମଡେଲିଙ୍ଗରେ ଏଆଇ ଆର୍ଦ୍ରତା ଏବଂ ସ୍ଥିର ଜଳ ଭଳି ଅଣ-ରୈଖିକ ଜଳବାୟୁ ପରିବର୍ତ୍ତନକୁ ମହାମାରୀ ଡାଟା ସହିତ ମିଶାଇ ସପ୍ତାହ ଆଗରୁ ବ୍ୟାପକ ଭବିଷ୍ୟବାଣୀ କରୁଛି, ଯାହା ଲାର୍ଭା ନିୟନ୍ତ୍ରଣ ଏବଂ ସମ୍ବଳ ପୂର୍ବ-ସ୍ଥାପନକୁ ସକ୍ରିୟ କରୁଛି। କେରଳରେ ରାଣ୍ଡମ୍ ଫରେଷ୍ଟ ଏବଂ ଲଙ୍ଗ୍ ଶର୍ଟ-ଟର୍ମ ମେମୋରୀ (ଏଲ୍ଏସ୍ଟିଏମ୍) ମଡେଲ୍ ଡେଙ୍ଗୁ ଏବଂ ମାଲେରିଆ ହଟସ୍ପଟ୍‌କୁ ଉଚ୍ଚ ନିର୍ଭୁଲତାରେ ଚିହ୍ନଟ କରୁଛି, ପାରମ୍ପରିକ ପଦ୍ଧତିଠାରୁ ଉତ୍କୃଷ୍ଟ ହୋଇ ଜଟିଳ ଜଳବାୟୁ-ସ୍ୱାସ୍ଥ୍ୟ ସମ୍ପର୍କକୁ ବୁଝୁଛି।

ଜଳବାୟୁ ଆଘାତ ପାଇଁ ସ୍ୱାସ୍ଥ୍ୟ ଅବସଂରଚନାକୁ ଅପ୍ଟିମାଇଜ୍ କରିବାରେ ଏଆଇ ସାହାଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ହସ୍ପିଟାଲକୁ ବିଦ୍ୟୁତ୍ ବିଭ୍ରାଟ ଏବଂ ରୋଗୀ ବୃଦ୍ଧି ମାଧ୍ୟମରେ ଚାପ ଦେଉଛି। ଏଆଇ 'କ୍ଲାଇମେଟ୍-ସ୍ମାର୍ଟ ହସ୍ପିଟାଲ୍'କୁ ସମର୍ଥନ କରୁଛି ଯେଉଁଥିରେ କୁଲିଙ୍ଗ୍ ସିଷ୍ଟମ୍ ପରିଚାଳନା ଏବଂ ଆପଦକାଳୀନ କର୍ମଚାରୀ ନିର୍ଧାରଣ ଓ ଇନଭେଣ୍ଟରୀ ପାଇଁ ଭବିଷ୍ୟବାଣୀ ବିଶ୍ଳେଷଣ କରାଯାଉଛି। ଡେଲୋଇଟ୍‌ର ୨୦୨୫ ବିଶ୍ଳେଷଣ ଅନୁଯାୟୀ ଏଆଇ-ସମର୍ଥିତ ଅବସଂରଚନା ସ୍ଥିରତା ୨୦୫୦ ପର୍ଯ୍ୟନ୍ତ ବାର୍ଷିକ ୬୫ ବିଲିୟନ ଇଉରୋ କ୍ଷତି ରୋକିପାରିବ। ଆଇଆଇଟି ବମ୍ବେର ସ୍ୱାଡାନେଟ୍ ଡ୍ରୋନ୍ ଏବଂ ସାଟେଲାଇଟ୍ ଚିତ୍ର ବ୍ୟବହାର କରି ଦ୍ରୁତ ବିପଦ କ୍ଷତି ମୂଲ୍ୟାଙ୍କନ କରୁଛି, ଯାହା ଚିକିତ୍ସା ବିନ୍ୟାସକୁ ତ୍ୱରାନ୍ୱିତ କରୁଛି।

ଜେନୋମିକ୍ ନିରୀକ୍ଷଣ ଏବଂ ପାଥୋଜେନ୍ ବିକାଶରେ ଏଆଇ ଜେନୋମିକ୍ ଡାଟାସେଟ୍ ପ୍ରକ୍ରିୟାକରଣ କରି ତାପ-ପ୍ରଭାବିତ ଭାଇରାଲ୍ ମ୍ୟୁଟେସନ୍‌କୁ ରିୟଲ୍-ଟାଇମ୍‌ରେ ଟ୍ରାକ୍ କରୁଛି, 'ଏକ ସ୍ୱାସ୍ଥ୍ୟ' ଦୃଷ୍ଟିକୋଣରେ କାର୍ଯ୍ୟ କରି ଜଳବାୟୁ-ଅନୁକୂଳ ଷ୍ଟ୍ରେନ୍ ବିରୁଦ୍ଧରେ ଡାଇଗ୍ନୋଷ୍ଟିକ୍ ଏବଂ ଭ୍ୟାକ୍ସିନ୍ ସମର୍ଥନ କରୁଛି। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଏଆଇ-ଆଧାରିତ ଟୁଲ୍ ଲଞ୍ଚ କରିଛି ଜୁନୋଟିକ୍ ବ୍ୟାପକ ଭବିଷ୍ୟବାଣୀ ପାଇଁ। ୨୦୨୬ରେ ଲଞ୍ଚ ହୋଇଥିବା ବିଓଡିଏଚ୍ (ବେଞ୍ଚମାର୍କିଙ୍ଗ୍ ଓପନ୍ ଡାଟା ପ୍ଲାଟଫର୍ମ ଫର୍ ହେଲ୍ଥ ଏଆଇ) ଅନାମ୍ୟ ସ୍ୱାସ୍ଥ୍ୟ ଡାଟାସେଟ୍ ବ୍ୟବହାର କରି ଜଳବାୟୁ-ସମ୍ପର୍କିତ ପାଥୋଜେନ୍ ବ୍ୟାପକ ନିରୀକ୍ଷଣ ପାଇଁ ଏଆଇ ମଡେଲ୍ ମୂଲ୍ୟାଙ୍କନ କରୁଛି।

ଜଳବାୟୁ-ପ୍ରତିରୋଧୀ ଶ୍ୱାସକ୍ରିୟା ସ୍କ୍ରିନିଙ୍ଗ୍ ଏବଂ ଟିବି ଉଚ୍ଛେଦରେ ଏଆଇ ପୋର୍ଟେବଲ୍ ଇମେଜିଙ୍ଗ୍ ଦ୍ୱାରା ଟିବି ଏବଂ ଜଳବାୟୁ-ସମ୍ପର୍କିତ ନିଉମୋନିଆକୁ ତୁରନ୍ତ ଚିହ୍ନଟ କରୁଛି, ଦୂରବର୍ତ୍ତୀ ଅଞ୍ଚଳରେ କେନ୍ଦ୍ରୀୟ ଅବସଂରଚନା ବିନା। ଏଆଇ-ସମର୍ଥିତ ହ୍ୟାଣ୍ଡହେଲ୍ଡ ଏକ୍ସ-ରେ ମେସିନ୍ ଏବଂ ସିଏ-ଟିବି ଟୁଲ୍ କେସ୍ ଡିଟେକ୍ସନ୍‌କୁ ୧୬ ପ୍ରତିଶତ ବଢ଼ାଇଛି, ଶେଷ ମାଇଲ୍‌କୁ ଡାଇଗ୍ନୋଷ୍ଟିକ୍ ପହଞ୍ଚାଇଛି ଏବଂ ଭବିଷ୍ୟବାଣୀ ମଡେଲ୍ ଜଳବାୟୁ ବ୍ୟାଘାତ ସତ୍ତ୍ୱେ ନକାରାତ୍ମକ ଚିକିତ୍ସା ଫଳାଫଳକୁ ୨୭ ପ୍ରତିଶତ କମାଇଛି।

ଜଳ ସୁରକ୍ଷା ଏବଂ ଏଣ୍ଟେରିକ୍ ରୋଗ କମାଇବାରେ ଏଆଇ ଭୂତତ୍ତ୍ୱ ଏବଂ ହାଇଡ୍ରୋଲୋଜିକାଲ୍ ଡାଟା ବିଶ୍ଳେଷଣ କରି ଉଚ୍ଚ-ଆଶଙ୍କା ଅଞ୍ଚଳ ମ୍ୟାପ୍ କରୁଛି, ଜଳ ଜୀବନ ମିଶନ୍‌କୁ ଦୁର୍ବଳ ଜିଲ୍ଲାରେ ଫିଲ୍ଟ୍ରେସନ୍ ପ୍ରାଥମିକତା ଦେବାରେ ସାହାଯ୍ୟ କରୁଛି। ଆଇଆଇଟି ଖଡ଼ଗପୁରର ଏଆଇ ମଡେଲ୍ ପିଇବା ଜଳରେ ଆର୍ସେନିକ୍ ପ୍ରଦୂଷଣ ଚିହ୍ନଟ କରୁଛି, ଗଙ୍ଗା କୂଳରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଥିବା ସମସ୍ୟାକୁ ସମାଧାନ କରୁଛି।

ସହରୀ ବାୟୁ ଗୁଣବତ୍ତା ଏବଂ ଶ୍ୱାସକ୍ରିୟା ଆଶଙ୍କା ମ୍ୟାପିଙ୍ଗରେ ଏଆଇ ସାଟେଲାଇଟ୍ ଏବଂ ଗ୍ରାଉଣ୍ଡ ସେନ୍ସର୍ ବ୍ୟବହାର କରି ପ୍ରଦୂଷଣ ସ୍ପାଇକ୍ ଭବିଷ୍ୟବାଣୀ କରୁଛି, ରାସ୍ତା-ସ୍ତରୀୟ ଏକ୍ୟୁଆଇ ଡାଟା ପ୍ରଦାନ କରି ହସ୍ପିଟାଲକୁ ଆଷ୍ଟମା ଏବଂ ହୃଦ୍ରୋଗ କେସ୍ ବୃଦ୍ଧି ପାଇଁ ପ୍ରସ୍ତୁତ କରୁଛି। ନୂଆ ଟ୍ରାନ୍ସଫର୍ମର-ଆଧାରିତ ନ୍ୟୁରାଲ୍ ନେଟୱର୍କ ୨୪ ଘଣ୍ଟା ଆଗରୁ ପିଏମ୍୨.୫ ଘନତ୍ୱ ଭବିଷ୍ୟବାଣୀ କରୁଛି, ସ୍ମଗ୍ ପିକ୍ ଆଗରୁ ଅକ୍ସିଜେନ୍ ସପ୍ଲାଇ ଏବଂ ନେବୁଲାଇଜେସନ୍ ଷ୍ଟେସନ୍ ବୃଦ୍ଧି କରିବାକୁ ସମ୍ଭବ କରୁଛି।

ଏଆଇର ବ୍ୟବହାରରେ ଅନେକ ବାଧା ରହିଛି। ଏଜେନ୍ସି ମଧ୍ୟରେ ଡାଟା ସାଇଲୋ ଏବଂ ମେଟାଡାଟା ଘର୍ଷଣ ଡାଟାକୁ ଅସମ୍ପୂର୍ଣ୍ଣ କରୁଛି। ଆଇଏମ୍ଡିର ଜିଲ୍ଲା-ସ୍ତରୀୟ ତାପ ଚେତାବନୀ ଏବଂ ଏମ୍ଓଏଚ୍ଏଫ୍ଡବ୍ଲ୍ୟୁର ଆଇଡିଏସ୍ପି ଡାଟା ସପ୍ତାହ-ମାସ ବିଳମ୍ବରେ ଆସୁଛି। ଆଇଏସ୍ଆରଓର ସାଟେଲାଇଟ୍ ଡାଟା ସ୍ୱାସ୍ଥ୍ୟ ସିଷ୍ଟମ୍ ସହିତ ରିୟଲ୍-ଟାଇମ୍ ନୁହେଁ। ଆଲ୍ଗୋରିଦମିକ୍ ବାୟାସ୍ ଏବଂ 'ଡିଜିଟାଲ୍ କଲୋନିଆଲିଜମ୍' ଭାରତୀୟ ବିବିଧତାକୁ ଅଣଦେଖା କରୁଛି, ମାର୍ଜିନାଲାଇଜ୍ଡ ଗ୍ରୁପ୍‌ରେ ଅଣ୍ଡରଡାୟାଗ୍ନୋସିସ୍ ଘଟାଉଛି। ଏଆଇ ସିମୁଲେସନ୍ କାର୍ବନ୍ ଉତ୍ସର୍ଜନ ବଢ଼ାଉଛି, ନେଟ୍-ଜିରୋ ପ୍ରତିବଦ୍ଧତା ସହିତ ବିରୋଧାଭାସ ସୃଷ୍ଟି କରୁଛି। ଡିଜିଟାଲ୍ ଡିଭାଇଡ୍ ଏବଂ ଲାଷ୍ଟ-ମାଇଲ୍ ଏକ୍ସକ୍ଲୁସନ୍ ଇଣ୍ଟରନେଟ୍ ଏବଂ ସ୍ମାର୍ଟଫୋନ୍ ଆବଶ୍ୟକ କରି ଦୁର୍ବଳ ଗ୍ରୁପ୍‌କୁ ବାହାରେ ରଖୁଛି। ଟ୍ରାନ୍ସପେରେନ୍ସି ଅଭାବ ଏବଂ ବ୍ଲାକ୍-ବକ୍ସ ଟ୍ରଷ୍ଟ କ୍ଲିନିସିଆନ୍‌ଙ୍କ ବିଶ୍ୱାସକୁ ହ୍ରାସ କରୁଛି। ଗୋପନୀୟତା ଏବଂ ସର୍ଭେଲାନ୍ସ ଓଭରରିଚ୍ ଆୟୁଷ୍ମାନ୍ ଭାରତ ଡିଜିଟାଲ୍ ମିଶନ୍ ଅଧୀନରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରେକର୍ଡ ସହିତ ଜଳବାୟୁ ଡାଟା ଲିଙ୍କ୍ କରି ପ୍ରୋଫାଇଲିଙ୍ଗ୍ ଆଶଙ୍କା ସୃଷ୍ଟି କରୁଛି। ସଂସ୍ଥାଗତ ଜଡ଼ତା ଏବଂ ସ୍କିଲ୍ ଗ୍ୟାପ୍ ଗ୍ରହଣକୁ ବାଧା ଦେଉଛି। ସାଇବର-ଫିଜିକାଲ୍ ଦୁର୍ବଳତା ସଙ୍କଟ ସମୟରେ ଏକକ ବିଫଳତା ପଏଣ୍ଟ ସୃଷ୍ଟି କରୁଛି।

ଏହି ବାଧାକୁ ଦୂର କରିବା ପାଇଁ ଇଣ୍ଟରଅପରେବଲ୍ ଇକୋ-ଏପିଡେମିଓଲୋଜିକାଲ୍ ଡାଟା ଆର୍କିଟେକ୍ଚରର ନିର୍ମାଣ, ଏକ୍ସପ୍ଲେନେବଲ୍ ଏଆଇ (ଏକ୍ସଏଆଇ) ଆବଶ୍ୟକତା, ଏଜ୍ କମ୍ପ୍ୟୁଟିଙ୍ଗ୍ ବ୍ୟବହାର, ଭର୍ନାକ୍ୟୁଲାର ଏବଂ ଅଫଲାଇନ୍ ଡିସେମିନେସନ୍, କ୍ରସ୍-ଡିସିପ୍ଲିନାରୀ ୱର୍କଫୋର୍ସ ବିକାଶ, ଫେଡରେଟେଡ୍ ଲର୍ନିଙ୍ଗ୍ ଦ୍ୱାରା ଗୋପନୀୟତା-ସଂରକ୍ଷଣ ବିଶ୍ଳେଷଣ ଏବଂ ଆଲ୍ଗୋରିଦମିକ୍ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ଆବଶ୍ୟକ। ଏଆଇ ଭାରତକୁ ଆଗାମୀ ଜଳବାୟୁ-ପ୍ରତିରୋଧୀ ସାର୍ବଜନୀନ ସ୍ୱାସ୍ଥ୍ୟ ଶାସନକୁ ପରିବର୍ତ୍ତନ କରିବାର ସୁଯୋଗ ଦେଉଛି। ଏହାର ସଫଳତା ଟ୍ରାନ୍ସପେରେନ୍ସି, ସମାନତା, ଶକ୍ତି ସ୍ଥାୟୀତ୍ୱ ଏବଂ ଡାଟା ଇଣ୍ଟରଅପରେବିଲିଟି ଉପରେ ନିର୍ଭର କରୁଛି। ଏକ ନିୟନ୍ତ୍ରିତ ଏଆଇ ଇକୋସିଷ୍ଟମ୍ ସ୍ଥାୟୀ ବିକାଶ ଲକ୍ଷ୍ୟ ୩ (ସ୍ୱାସ୍ଥ୍ୟ), ୧୩ (ଜଳବାୟୁ କାର୍ଯ୍ୟ) ଏବଂ ୯ (ଶିଳ୍ପ, ଉଦ୍ଭାବନ, ଅବସଂରଚନା)କୁ ଆଗକୁ ନେଇ ପାରିବ। ଜଳବାୟୁ-ବୁଦ୍ଧିମାନ ସିଷ୍ଟମ୍ ସ୍ମାର୍ଟ, ନ୍ୟାୟପୂର୍ଣ୍ଣ, ସବୁଜ ଏବଂ ଅନ୍ତର୍ଭୁକ୍ତିମୂଳକ ହେବା ଆବଶ୍ୟକ।







# ଜୀବନ ଖୋଜୁଛି ଚିତ୍ରକୂଟ ପୋଖରୀ

## ଫଳକରେ ସୀମିତ ପୋଖରୀର ପୁନଃରୁଦ୍ଧାର ଯୋଜନା

ତାଳଚେର : ତାଳଚେର ପୌରାଚଂଳର ଫାଷ୍ଟଗେଟ୍ ଠାରେ ଅବସ୍ଥିତ ରାଜାରାଜୁଡ଼ା ଅମଳର ମୁଖ୍ୟ ଚିତ୍ରକୂଟ ପୋଖରୀର ବଦଳୁନି ରୂପରେଖ । ରାଜୁଡ଼ା ଅମଳରୁ ହୋଇଥିଲେ ହେଁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ସହର ପ୍ରାୟ ୬/୭ଟି ୱାର୍ଡ଼ର ଜନସାଧାରଣ ଏହି ପୋଖରୀ ଉପରେ ନିର୍ଭରଶୀଳ ହେବା ସହ ନିଜର ନିତ୍ୟକର୍ମ କରୁଥିଲେ । ଏହି ପୋଖରୀ ଏକଦା ସ୍ୱଚ୍ଛ ଜଳ ଧାରଣ କରି ଖରା,ବର୍ଷା ଓ ଶୀତରେ ବର୍ଷସାରା ଲୋକମାନେ ଏହାର ଜଳକୁ ବ୍ୟବହାର କରି ଆସୁଥିଲେ । ବିବାହ, ବ୍ରତ, ଶୁଦ୍ଧକ୍ରିୟା କର୍ମ, ପର୍ବପର୍ବାଣୀ ଇତ୍ୟାଦି କରିବାରେ ଏହା ସହାୟକ ହେଉଥିଲା ବୋଲି ଅଂଚଳବାସୀ ମୁହଁରୁ ଶୁଣିବାକୁ ମିଳେ । ତେବେ ଏଭଳି ପୋଖରୀର ଅବସ୍ଥା ଦିନକୁ ଦିନ ଅବନତି ଘଟି, ପୋଖରୀର ଚର୍ତୁପାଶ୍ୱର୍ରେ ଅନାବନା ଗଛ, ଅଳିଆ ଆବର୍ଜନା, ମାଛକାତି, ପୋଖରୀ ଭିତର ପାଶ୍ୱର୍ ତରୁଲଟା, ବଡ଼ବଡ଼ଘାସ ବୃକ୍ଷ ଆଦି ପଡ଼ିରହି ନର୍କକୁଣ୍ଡରେ ପରିଣତ ହୋଇ ରହିଛି । ଏହି ଜଳକୁ ବ୍ୟବହାର କଲେ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ତେବେ ଏହି ପୋଖରୀର ପୁନରଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ସ୍ତରରେ କିମ୍ବା କୌଣସି ରାଜନୈତିକ ସ୍ତରରେ ତତ୍ପରତା ପ୍ରକାଶ ପାଉନ ଥିବାରୁ ଏହି ସର୍ବ ପୁରାତନ ଓ ବୃହତ ପୋଖରୀଟିର ଅବସ୍ଥା ଆଜି ବିପର୍ଯ୍ୟସ୍ତ ଘଟିଛି । ରାଜୁଡ଼ାଅମଳର ଏହି ପୋଖରୀଟି ଅଂଚଳର ଶୋଭାବର୍ଦ୍ଧନ କରି ଆସୁଥଲା । ପୂର୍ବରୁ ଏହି ପୋଖରୀରେ କାଚକେନ୍ଦୁ ପରି ଜଳ ବତକ, ହଂସ ପାଣିରେ ବୁଲୁଥିବାର ଦୃଶ୍ୟ ଏବଂ ପୋଖରୀରେ ପଦ୍ମଫୁଲ ଫୁଟି ଲୋକଙ୍କୁ ଆକର୍ଷିତ କରୁଥିଲା ବୋଲି ସ୍ଥାନୀୟ ବାସୀନ୍ଦା କହିବା ସହ ଏହାର ନିକଟବର୍ତି ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀ ଓ ଟାକ୍ସିଷ୍ଟାଣ୍ଡର ଲୋକେ ମତପୋଷଣ କରିଛନ୍ତି । ବିପର୍ଯ୍ୟସ୍ତ ଅବସ୍ଥା ନେଇ ପୌରବାସୀଙ୍କ ପକ୍ଷରୁ ନେତା, ବିଧାୟକ, ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ୱେ ଏହାର ପୁନରୁଦ୍ଧାର କାର୍ଯ୍ୟକ୍ଷମ ଏଯାବତ୍ ହୋଇପାରୁନି । ଏହି ପୋଖରୀ ହୁଡ଼ାରେ ତିନି ତିନିଥର ଫଳକ ଲାଗିଥିଲେ ହେଁ ଦୀର୍ଘବର୍ଷ କାଳ ଏହି ପୋଖରୀ ଲୋକଙ୍କ ସେବାରେ ନଆସି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଏହାକୁ ହୃଦୟଙ୍ଗମ କରି ପ୍ରଶାସନିକ ସ୍ତରରେ ଏହାର ପୁନରୁଦ୍ଧାର କରାଯାଇ ପାରିଲେ ଆଖପାଖ ୱାର୍ଡ଼ବାସୀ ଉପକୃତ ହୋଇ ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ଏହି ପୋଖରୀର ନିକଟରେ ଆଖପାଖ ୫ରୁ ୬ଟି ୱାର୍ଡ଼ ରହିଥିବା ବେଳେ ଟାକ୍ସିଷ୍ଟାଣ୍ଡ, ରାମଚନ୍ଦ୍ର ମାର୍କେଟ, ବାଇପାସ୍ ବସ୍ତି ଓ ଚିତ୍ରକୂଟ ଶିବମନ୍ଦିର ଅବସ୍ଥିତ । ତେଣୁ ତୁରନ୍ତ ଏହାର ପୁନରୁଦ୍ଧାର କରାଯାଇ ପୋଖରୀ ମଧ୍ୟରେ ଗଣେଶଙ୍କ ମୂର୍ତି ନିର୍ମାଣ କରାଯାଇ ଚର୍ତୁପାଶ୍ୱର୍ରେ ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ଏବଂ ପାହଚର ବ୍ୟବସ୍ଥା କରିବାକୁ ଦାବି ହେଉଛି । ଯଦି ଏହା କରାଯାଏ ତେବେ ଲୋକଙ୍କ ହିତରେ ଆସିପାରିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।



## ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଭେଣ୍ଡିଙ୍ଗଜୋନ୍ କାହାସ୍ୱାର୍ଥରେ

### ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟି ଯିବକି ଭେଣ୍ଡିଙ୍ଗଜୋନ୍

ତାଳଚେର :ତାଳଚେର ପୌରପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ସ୍ଥାନୀୟ ଲିଙ୍ଗରାଜ ରାସ୍ତା ପାଶ୍ୱର୍ରେ ୨୮/୦୧/୨୦୨୪ ତାରିଖରେ ପୂର୍ବତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରିଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, ଉପନଗରପାଳ ସୁଶ୍ରୀ ଶୁଭଶ୍ରୀ ପ୍ରଧାନ, ୧୫ନମ୍ବର କାଉନସିଲର ସବିତା ପାଲ, ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ କରକମଳରେ ଭେଣ୍ଡିଙ୍ଗ ଜୋନର ଶୁଉଦଘାଟନ କରାଯାଇଥିଲା । ଉଦଘାଟନର ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏହି ଭେଣ୍ଡିଙ୍ଗଜୋନରେ ଏବେ ଗାଇଗୋରୁ ଓ କୁକୁର ମାଙ୍କଡ଼ ସମେତ ସଞ୍ଜୀନଇଁଗଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଉକ୍ତ ଭେଣ୍ଡିଙ୍ଗଜୋନ ଲକ୍ଷାଧିକ ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଥିଲେ ମଧ୍ୟ ଭେଣ୍ଡିଙ୍ଗ ଜୋନରେ ନବସି ରାସ୍ତା କଡ଼ରେ ଶହଶହ ବ୍ୟବସାୟୀ ବସି କାରବାର କରିବା ଫଳରେ ଉକ୍ତ ରାସ୍ତାଟି ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣାମାନ ମଧ୍ୟ ଘଟୁଛି । ଏସମ୍ପର୍କରେ ପରିବା ବ୍ୟବସାୟୀଙ୍କୁ ପଚରିବାରୁ ସେ କୁହନ୍ତିକି ଏହି ଗୃହ ଗୁଡ଼ିକ ଅତି ଛୋଟ ଓ ଟିଣଗୃହ ହୋଇଥିବାରୁ ସେଠାରେ ପନିପରିବା ରଖି କାରବାର କରିବା ଆଦୌ ସମ୍ଭବପର ନୁହଁ । କାରଣ ତାଳଚେରର ଜଳବାୟୁ ବର୍ତମାନ ଯାହା ସେଥିରେ ପରିବା ପଚିଷଡ଼ି ନଷ୍ଟ ହେବା ସହ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିବ ବୋଲି ସେମାନେ ଏହା ପ୍ରକାଶ କରିଛନ୍ତି । ଏସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା । ପ୍ରକାଶ ଥାଉକି ଭେଣ୍ଡିଙ୍ଗଜୋନ ନିର୍ମାଣ କରିବା ସମୟରେ ପୌରପରିଷଦ ସମସ୍ତ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ କରାଯିବା ପରେ ସେମାନଙ୍କ ମତାମତରେ ଯଦି ଏହା ନିର୍ମାଣ କରାଯାଇଥାନ୍ତା ତେବେ କୌଣସି ସମସ୍ୟା ଆଜି ଉପୁଜିନଥାନ୍ତା ବୋଲି ଚର୍ଚ୍ଚା ହେଉଛି । ଏହି ଗୃହ ଗୁଡ଼ିକ ପାଇଁ କିଛି ବ୍ୟବସାୟୀ ଆଜକୁ ୧ବର୍ଷ ହେବ ୫ହଜାର ଲେଖାଏ ଡ୍ରାଫ୍ଟ ମାଧ୍ୟମରେ ଦେଇଥିବା ବ୍ୟବସାୟୀଙ୍କ ସୂତ୍ରରୁ ଜଣାପଡ଼ିଛି । କିନ୍ତୁ ଏହି ଗୃହ ନିର୍ମାଣର ଶେଷ ହେବାପରେ ମଧ୍ୟ ବ୍ୟବସାୟୀଙ୍କୁ କିଛି ବଂଟନ କରାଯାଇଥିବା ବେଳେ ଆଉ କିଛି ବଂଟନ ହୋଇନଥିବା ଶୁଣିବାକୁ ମିଳୁଛି । ତେବେ ଏଥିପ୍ରତି ତୁରନ୍ତ ପୌରପରିଷଦ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଙ୍ଗଜୋନର ପରିଚାଳନା ବ୍ୟବସ୍ଥା କରାଯାଇ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଦିଗରେ ଧ୍ୟାନଦେବାକୁ ସାଧାରଣରେ ଦାବି ହେଉଛି ।

# ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

- ଗ୍ରାମବାସୀଙ୍କୁ ନେଇ ବୈଠକ ଘଟଣାଟିକୁ ଚାପିବାକୁ ଉଦ୍ୟମ
- ଘଟଣାଟି ଚପାଇବାକୁ ଗଣମାଧ୍ୟମକୁ ନିବେଦନ କଲେ ବିଇଓ
- ଅଭିଯୋଗ ନ ଆସିବା ଯାଏଁ କିଛି କରି ହେବନି: ଡିଇଓ





ମାଲକାନଗିରି: ନାବାଳିକା ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ ହୋଇଛି, ସ୍କୁଲ ପରିଚାଳନା କମିଟି ବୈଠକରେ ବସି ଆପୋଷ ବୁଝାମଣା ହୋଇଯାଇଥିବା କୁହାଯାଉଛି। ଘଟଣା ବାହାରେ ପ୍ରଘଟ ହେଲେ ସମସ୍ୟା ଉପୁଜିବ ବୋଲି ଛାତ୍ରୀଙ୍କ ମା ଏବଂ ଜେଜେମାଙ୍କ ସମେତ ଗ୍ରାମର କିଛି ବ୍ୟକ୍ତିଙ୍କୁ ଡାକି ଆପୋଷ ଆଲୋଚନା ମାଧ୍ୟମରେ ଘଟଣାଟିକୁ ଚପେଇବାକୁ ପ୍ରୟାସ କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି। ଏଭଳି ସାଂଘାତିକ ଘଟଣାଟିକୁ ଚାପି ଦେବାକୁ ସ୍ଥାନୀୟ କିଛି ବ୍ୟକ୍ତି, ସିଆରସିସି ଏବଂ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ପ୍ରୟାସ କରିଥିବା ଅଭିଯୋଗ ହେଉଛି। ଏପରି ଏକ ଦୁଃଖଦ ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଏମଭି-୫୧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁଯାୟୀ ସ୍କୁଲର କନିଷ୍ଠ ଶିକ୍ଷକ ରାକେଶ ସାହୁ ଆଜିକୁ ଦୀର୍ଘ ୮ ମାସ ଧରି ଉକ୍ତ ସ୍କୁଲର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବାରମ୍ବାର ଅସଦାଚରଣ କରି ଆସୁଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି କିମ୍ବା ଗ୍ରାମବାସୀଙ୍କ ନିକଟରେ କୌଣସି ସୂଚନା ନଥିବା ବେଳେ ପୁନର୍ବାର ଗତ ୨ଦିନ ତଳେ ଶିକ୍ଷକ ଜଣଙ୍କ ସେହି ଛାତ୍ରୀଙ୍କୁ ଅସଦାଚରଣ କରିବା ପରେ ମାନସିକ ସ୍ତରରେ ଭାଙ୍ଗି ପଡ଼ି ଛାତ୍ରୀ ଜଣଙ୍କ ନିଜ ମାଙ୍କୁ ଅସଦାଚରଣ ସମ୍ପର୍କରେ କହିଥିଲା। ଏହି ଖବର ଗ୍ରାମବାସୀଙ୍କ ମଧ୍ୟରେ ପ୍ରଘଟ ହେବା ପରେ ଗ୍ରାମର କିଛି ବ୍ୟକ୍ତି ଉକ୍ତ ଛାତ୍ରୀଙ୍କ ଘରକୁ ଯାଇ ଘଟଣା ସମ୍ବନ୍ଧରେ ଟିକିନିଖି ବୁଝିଥିଲେ। ପରେ ଏନେଇ ଶୁକ୍ରବାର ସ୍କୁଲ ଖୋଲିବା ପରେ ବିଦ୍ୟାଳୟରେ ଏକ ବୈଠକ ଡକା ଯାଇଥିଲା। ଉକ୍ତ ବୈଠକରେ ଅସଦାଚରଣର ଶିକାର ହୋଇଥିବା ଛାତ୍ରୀଙ୍କ ମା ଏବଂ ଜେଜେମାଙ୍କୁ ଡାକି ଆପୋଷ ବୁଝାମଣା କରାଯିବା ସହ ଘଟଣାକୁ ଆଉ ଆଗକୁ ନ ବଢାଇବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସୂଚନା ମିଳିଛି। ତେବେ ଯେଉଁ ଛାତ୍ରୀ ଜଣଙ୍କ ଶାରୀରିକ ଏବଂ ମାନସିକ ସ୍ତରରେ ଗଭୀର ଆଘାତ ପାଇଛି, ଛାତ୍ରୀଙ୍କ ମାନସିକ କ୍ଷତିର ଭରଣପୋଷଣ କିପରି ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ସହ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟତ୍ରୀ ସ୍ମୃତି ରେଖା ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଆମ ଫୋନ କାଟି ସଙ୍ଗେ ସଙ୍ଗେ ନିଜ ଫୋନଟିକୁ ସ୍ୱିଚ ଅଫ କରିଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଠାକୁର ଦାସ ମାଝୀଙ୍କୁ ପଚାରିବାରୁ ଆମେ ଉକ୍ତ ଛାତ୍ରୀଙ୍କ ମା ଜେଜେମା ଏବଂ ଗ୍ରାମର ୪ ଜଣଙ୍କୁ ଡାକି ଆପୋଷ ବୁଝାମଣା କରି ଦେଇଛୁ ବୋଲି କହିଥିଲେ। ଏନେଇ ଆମେ ଉକ୍ତ ଅଞ୍ଚଳର ଦାୟିତ୍ୱରେ ଥିବା ସିଆରସିସି ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଘଟଣାଟି ୪ ମାସ ତଳର ହୋଇଥିବା କହିଥିଲେ, ଏହା ସହ ସେ ଓଲଟ ପ୍ରଶ୍ନ କରିଥିଲେ ଯେ, ଏତେ ଦିନ ପରେ ଏବେ କାହିଁକି ପୁନଃ ଗ୍ରାମବାସୀ ଏହି ଘଟଣା ବାହାରେ ପ୍ରକାଶ କରୁଛନ୍ତି। ଏନେଇ ଆମେ ଗ୍ରାମର କିଛି ବ୍ୟକ୍ତିଙ୍କ ସହ ଆଲୋଚନା କରିଥିବା ବେଳେ ସେମାନେ ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ପ୍ରକାଶ କରିବା ସହ ଗୁରୁ ଶିଷ୍ୟର ସମ୍ପର୍କ ପବିତ୍ର ଅଟେ, ଏପରି ହେବା ଉଚିତ ନୁହ ବୋଲି ପ୍ରକାଶ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଏନେଇ ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କୁ ପଚାରିବାରୁ ସେହି କନିଷ୍ଠ ଶିକ୍ଷକଟି ନୂଆ କରି ଚାକିରୀ ପାଇଛି, ଯଦି ଏହି ଘଟଣାଟି ଗଣମାଧ୍ୟମରେ ପ୍ରକାଶ ପାଇବ ତେବେ ଶିକ୍ଷକଙ୍କର ଚାକିରୀ ଚାଲିଯିବ। ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ କିଛି ବୁଝାମଣା କରି ହାତଗୁଂଜା ନେଇ ଘଟଣା ଟିକୁ ଚାପି ଦେବାକୁ ସେ କହିଥିଲେ। ଏନେଇ ଆମେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ବିଷୟରେ ବର୍ତ୍ତମାନ ସୁଦ୍ଧା ଅବଗତ ନାହାନ୍ତି। ଯେହେତୁ ଛାତ୍ରୀଟିର ପରିବାର ବର୍ଗ କୌଣସି ଅଭିଯୋଗ କରିନାହାନ୍ତି, ତେଣୁ ସେ କେଉଁ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ ଉକ୍ତ କନିଷ୍ଠ ଶିକ୍ଷକ ଶ୍ରୀ ସାହୁଙ୍କ ଚାକିରୀ ବଞ୍ଚାଇବାକୁ ବ୍ଲକ ଶିକ୍ଷାଧିକାରୀ ଏତେ ଆଗ୍ରହ କାହିଁକି। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ମିସ୍ତ୍ରୀଙ୍କ ସହ ଉକ୍ତ କନିଷ୍ଠ ଶିକ୍ଷକଙ୍କ ସମ୍ପର୍କ ମଧ୍ୟରେ ରହସ୍ୟ କଣ ବୋଲି ଚର୍ଚ୍ଚା ହେଉଛି। ବ୍ଲକ ଶିକ୍ଷାଧିକାରୀଙ୍କ ଏପରି ମନ୍ତବ୍ୟକୁ ନେଇ ଅଞ୍ଚଳବାସୀ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। କନିଷ୍ଠ ଶିକ୍ଷକ ଶ୍ରୀସାହୁଙ୍କ ଏପରି କାଣ୍ଡକୁ ଅଞ୍ଚଳବାସୀ ତୀବ୍ର ନିନ୍ଦା କରିବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏଥିସହ ଜିଲ୍ଲା ପ୍ରଶାସନ ଏବଂ ଶିଶୁ ସୁରକ୍ଷା ବିଭାଗ ଏହି ଘଟଣାକୁ ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦାନ୍ତ ଏବଂ ମାଢ଼ିକୁ କେମିତି ରଖିବେ ସୁସ୍ଥ







ମୁଖଗହ୍ୱରର ସ୍ୱଚ୍ଛତା କେବଳ ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖେ ତାହା ନୁହେଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୁଏ। ତେଣୁ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ସମସ୍ୟାମୁକ୍ତ ମୁଖସ୍ୱାସ୍ଥ୍ୟ ଅତ୍ୟନ୍ତ ଜରୁରି। କାରଣ ଖରାପ ଦାନ୍ତ ହୃଦ୍‌ରୋଗ ଏବଂ ମଧୁମେହ ଭଳି ଅବସ୍ଥା ସହିତ ଜଡ଼ିତ। ତେଣୁ ଏକ ନିୟମିତ ଦୈନିକ ମୁଖ ନିୟମ ପାଳନ, ସଠିକ୍ ବ୍ରଶ୍ କରିବା କୌଶଳ, ଆୟୁର୍ବେଦିକ ସମାଧାନ ଗ୍ରହଣ କରି ଦୀର୍ଘସ୍ଥାୟୀ ଦନ୍ତ ସ୍ୱାସ୍ଥ୍ୟ ନିଶ୍ଚିତ କରାଯାଇ ପାରିବ ।

ମୁଖଗହ୍ୱରର ସ୍ୱଚ୍ଛତା କେବଳ ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖେ ତାହା ନୁହେଁ, ଏହା ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୁଏ। ତେଣୁ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ସମସ୍ୟାମୁକ୍ତ ମୁଖସ୍ୱାସ୍ଥ୍ୟ ଅତ୍ୟନ୍ତ ଜରୁରି। କାରଣ ଖରାପ ଦାନ୍ତ ହୃଦ୍‌ରୋଗ ଏବଂ ମଧୁମେହ ଭଳି ଅବସ୍ଥା ସହିତ ଜଡ଼ିତ। ତେଣୁ ଏକ ନିୟମିତ ଦୈନିକ ମୁଖ ନିୟମ ପାଳନ, ସଠିକ୍ ବ୍ରଶ୍ କରିବା କୌଶଳ, ଆୟୁର୍ବେଦିକ ସମାଧାନ ଗ୍ରହଣ କରି ଦ
ୀର୍ଘସ୍ଥାୟୀ ଦନ୍ତ ସ୍ୱାସ୍ଥ୍ୟ ନିଶ୍ଚିତ କରାଯାଇପାରିବ ବୋଲି ଦନ୍ତ ବିଶେଷଜ୍ଞ ଡ. ସୋନିଆ ଦତ୍ତା ପରାମର୍ଶ ଦିଅନ୍ତି।

ମୁଖଗହ୍ୱର ସ୍ୱଚ୍ଛତା ପାଇଁ ଦିନରେ ଦୁଇଥର ଆୟୁର୍ବେଦିକ୍ ଟୁଥପେଷ୍ଟ ବ୍ୟବହାର କରିବା ଆବଶ୍ୟକ। ଏହାଦ୍ୱାରା ପ୍ଲାକ୍ ଏବଂ ବ୍ୟାକ୍ଟେରିଆ ଦୂର ସହିତ ମାଢ଼ିକୁ ମଜଭୁତ କରେ। ଜୀବାଣୁ ନାଶକ ମାଉଥ୍ ୱାଶ୍ ବ୍ୟବହାର ଆବଶ୍ୟକ। ପୁଦିନା ଏବଂ ଲବଙ୍ଗ ଭଳି ଆୟୁର୍ବେଦିକ୍ ଉପାଦାନ ଯୁକ୍ତ ଏକ ମାଉଥୱାଶ୍ ମୁଖ ଗହ୍ୱରର ଜୀବାଣୁକୁ ନିୟନ୍ତ୍ରଣ ସହ ସତେଜ ଶ୍ୱାସ ପ୍ରଦାନ କରିଥାଏ।

## ହାଇଡ୍ରେଟେଡ୍:

ଦିନସାରା ପାଣି ପିଇବା ଏକ ଭଲ ଅଭ୍ୟାସ। ଏହା ଖାଦ୍ୟ କଣିକାକୁ ଧୋଇ ଲାଳ ଉତ୍ପାଦନରେ ସାହାଯ୍ୟ କରୁଥିବାରୁ ପ୍ରାକୃତିକ ଭାବେ ଦାନ୍ତକୁ ସୁରକ୍ଷା ମିଳିଥାଏ। ସେହିପରି ବ୍ରଶ୍ କରିବା ଉତ୍ତମ ମୁଖସ୍ୱାସ୍ଥ୍ୟର ମୂଳଦୁଆ। ଏହାକୁ କିନ୍ତୁ ଭୁଲ ଭାବେ କରିବା ଦ୍ୱାରା ପ୍ଲାକ୍ (ଜୀବାଣୁ) ଛାଡ଼ିଦେଇପାରେ କିମ୍ବା ମାଢ଼ି ନଷ୍ଟ କରିପାରେ। ତେଣୁ ମସୃଣ ଟୁଥବ୍ରଶ୍ ବ୍ୟବହାର କରିବା ଆବଶ୍ୟକ। ଅତିକମ୍‌ରେ ଦୁଇ ମିନିଟ୍ ପାଇଁ ବ୍ରଶ୍ କରିବା, ଜିଭ ସହିତ ସମସ୍ତ ଦାନ୍ତ ପୃଷ୍ଠକୁ ଧୋଇବା ସହ ପ୍ରତି ୨-୩ ମାସରେ ଟୁଥବ୍ରଶ୍ ବଦଳାଇବା ଆବଶ୍ୟକ।

## ସନ୍ତୁଳିତ ଖାଦ୍ୟ:

ସନ୍ତୁଳିତ ଖାଦ୍ୟ ଦାନ୍ତକୁ ମଜଭୁତ କରୁଥିବାବେଳେ ଆଉ କିଛି ଦନ୍ତ କ୍ଷୟ କରିଥାଏ। ଉଦାହରଣ ସ୍ୱରୂପ ଦୁଗ୍ଧ, ଶାଗ, ଏବଂ ଆଲମଣ୍ଡ ଭଳି କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ, ସେଓ, ଗାଜର, ଶାକସବ୍‌ଜି ଦାନ୍ତକୁ ପ୍ରାକୃତିକ ଭାବେ ପରିଷ୍କାର କରେ। ଅନ୍ୟ ପକ୍ଷରେ, ଚିନି ଯୁକ୍ତ ସ୍ନାକ୍ସ, ଷ୍ଟିକି କ୍ୟାଣ୍ଡି, ଏବଂ କାର୍ବୋନେଟେଡ୍ ପାନୀୟ ହାନିକାରକ ବ୍ୟାକ୍ଟେରିଆକୁ ବୃଦ୍ଧି କରି କ୍ୟାଭିଟି ସୃଷ୍ଟି କରେ। ସାଇଟ୍ରସ୍ ଫଳ ଏବଂ ସୋଡ଼ା ଭଳି ଏସିଡ୍ ଜାତୀୟ ଖାଦ୍ୟ ଏନାମେଲ୍‌କୁ ଦୁର୍ବଳ କରିବାର ଆଶଙ୍କା ଥିବାରୁ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି।

## ଆୟୁର୍ବେଦ ଉପାୟ:

ଲବଙ୍ଗରେ ଜୀବାଣୁନାଶକ ଏବଂ ଯନ୍ତ୍ରଣା ନିବାରକ ଗୁଣ ଥାଏ। ଏହା ମାଢ଼ି ସ୍ୱାସ୍ଥ୍ୟକୁ ହିତ। ପୁଦିନା ଶ୍ୱାସକୁ ସତେଜ ସହ ମୁଖସ୍ୱାସ୍ଥ୍ୟକୁ ସୁସ୍ଥ ରଖେ, ଅଦାର ଜ୍ୱଳନ ନାଶକ ଗୁଣ ମୁଖସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ତେଣୁ ଦୈନିକ ସଠିକ୍ ବ୍ରଶ୍ କରିବା କୌଶଳ ଏବଂ ଆୟୁର୍ବେଦିକ ସମାଧାନ ଗ୍ରହଣ କରି ଦୀର୍ଘସ୍ଥାୟୀ ଦନ୍ତ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିପାରିବେ।





# ସ୍ମାର୍ଟୱାଚ୍ ଫିତାରୁ ହୋଇପାରେ କର୍କଟ

ବର୍ତ୍ତମାନ ସମୟରେ ସ୍ମାଟ୍‌ୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ବହୁଳ ବ୍ୟବହାର ହେଉଛି। ଏଥିରେ ବିଭିନ୍ନ ପ୍ରକାର ସୁବିଧା ସେଟିଂ କରାଯାଇଥାଏ। ଏହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦେବାରେ ମଧ୍ୟ ସହାୟକ ହୋଇଥାଏ। ସ୍ମାର୍ଟୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ଫିତାଗୁଡ଼ିକରେ ହାନିକାରକ ଜୀବାଣୁ ଥିବା ନେଇ ବର୍ଷ ପୂର୍ବରୁ କରାଯାଇଥିବା ଏକ ଗବେଷଣାରୁ ପ୍ରକାଶ ପାଇଥିଲା। ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସ୍ମାର୍ଟୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ଫିତାରେ ହାନିକାରକ ପିଏଫ୍‌ଏଚ୍‌ଏକ୍ସଏ ରାସାୟନିକ ଅମ୍ଳ ଥାଏ। ଯାହା ଥ...ଧ

ବର୍ତ୍ତମାନ ସମୟରେ ସ୍ମାଟ୍‌ୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ବହୁଳ ବ୍ୟବହାର ହେଉଛି। ଏଥିରେ ବିଭିନ୍ନ ପ୍ରକାର ସୁବିଧା ସେଟିଂ କରାଯାଇଥାଏ। ଏହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦେବାରେ ମଧ୍ୟ ସହାୟକ ହୋଇଥାଏ। ସ୍ମାର୍ଟୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ଫିତାଗୁଡ଼ିକରେ ହାନିକାରକ ଜୀବାଣୁ ଥିବା ନେଇ ବର୍ଷ ପୂର୍ବରୁ କରାଯାଇଥିବା ଏକ ଗବେଷଣାରୁ ପ୍ରକାଶ ପାଇଥିଲା। ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସ୍ମାର୍ଟୱାଚ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡର ଫିତାରେ ହାନିକାରକ ପିଏଫ୍‌ଏଚ୍‌ଏକ୍ସଏ ରାସାୟନିକ ଅମ୍ଳ ଥାଏ। ଯାହା କର୍କଟର କାରଣ ହୋଇପାରେ।

ଏହି ଗବେଷଣାରେ ବଡ଼ ବଡ଼ କମ୍ପାନୀର ସ୍ମାର୍ଟୱାଚ୍‌କୁ ପରୀକ୍ଷା ପାଇଁ ନିଆଯାଇଥିଲା। ଅଧିକାଂଶ କମ୍ପାନୀ ସ୍ମାର୍ଟୱାଚ୍‌ର ଫିତାରେ ଏକପ୍ରକାର ସିନ୍‌ଥେଟିକ୍ ରବର Fluoroelastomersର ବ୍ୟବହାର କରନ୍ତି। ଏହି ରବର ଗୁଡ଼ିକରେ ଉଚ୍ଚ ସ୍ତରର ପିଏଫ୍‌ଏଚ୍‌ଏକ୍ସଏ ଥାଏ। ଏବେ ଲୋକମାନେ ସ୍ଲିପ୍-କ୍ୱାଲିଟି ମନିଟର ଏବଂ ସ୍ଲିପ୍ ଏପନିଆ ଆଦି ଉପରେ ନଜର ରଖିବାକୁ ରାତିରେ ସ୍ମାର୍ଟୱାଚ୍ ପିନ୍ଧି ଶୋଉଛନ୍ତି। ଏହି ପିଏଫ୍‌ଏଚ୍‌ଏକ୍ସ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ ତ୍ୱଚା ସମ୍ପର୍କରେ ଆସିଲେ ଏହା ବିପଜ୍ଜନକ ହୋଇଥାଏ। ତେବେ ବଡ଼ ବଡ଼ କମ୍ପାନୀର ସ୍ମାର୍ଟୱାଚ୍ ଫିତାରେ ପିଏଫ୍‌ଏଚ୍‌ଏକ୍ସଏ ମାତ୍ରା ଅଧିକ ମିଳିଥାଏ। ଗବେଷକଙ୍କ କହିବାନୁଯାୟୀ, ସ୍ପୋର୍ଟସ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡରେ ମଧ୍ୟ ଏହି ରବର ଉପଯୋଗ ହୋଇଥାଏ। ଏହି ରବରରେ ଥିବା ପିଏଫ୍‌ଏଚ୍‌ଏକ୍ସଏ ଅମ୍ଳ ଝାଳ ସମ୍ପର୍କରେ ଆସିଥାଏ। ଏହା ଲୋମକୂପକୁ ଖୋଲି ଦେଉଥିବାରୁ ୫୦ ପ୍ରତିଶତ ପିଏଫ୍‌ଏଚ୍‌ଏକ୍ସଏ ତ୍ୱଚା ମଧ୍ୟକୁ ଚାଲିଯାଇଥାଏ। ଏହାର ଏକ ତୃତୀୟାଂଶ ରକ୍ତରେ ମିଶିଯାଇଥାଏ। ତେଣୁ ଏହି ରସାୟନ ସମ୍ପର୍କରେ ଦୀର୍ଘ ସମୟ ରହିବା ଦ୍ୱାରା କର୍କଟ ଭଳି ଗମ୍ଭୀର ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥାଏ।

# ମୁଣ୍ଡବିନ୍ଧା ଦୂର ପାଇଁ ଧନିଆ ଚା'

ଧନିଆରେ ଭିଟାମିନ୍ ଏ, ସି, କେ ସମେତ ଅନେକ ପୋଷକତତ୍ତ୍ୱ ମିଳିଥାଏ। ପ୍ରତ୍ୟେକ ଭାରତୀୟ ଏହାର ପତ୍ରକୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହାର କରନ୍ତି। ହେଲେ କେହି କେବେ ଧନିଆ ପତ୍ରରୁ ପ୍ରସ୍ତୁତ ହର୍ବାଲ ଚ' ପିଇନଥିବେ। ଆୟୁର୍ବେଦ ଏବଂ ଇରାନୀ ପରମ୍ପରାରେ ଧନିଆ ଚା'କୁ ମୁଣ୍ଡବିନ୍ଧା ଉପଚାର ପାଇଁ ବ୍ୟବହାର କରାଯାଇଆସୁଛି। ତେଣୁ ଏହା ସ୍ୱାସ୍ଥ୍ୟବର୍ଦ୍ଧକ ଓ ଏହାକୁ ଡାଏଟରେ ସାମିଲ କରିବା ଦ୍ୱାରା ଶରୀର ଫିଟ୍ ଓ ନିରୋଗ ରହିଥାଏ। କେମିତି ପ୍ରସ୍ତୁତ କରିବେ।

ଧନିଆରେ ଭିଟାମିନ୍ ଏ, ସି, କେ ସମେତ ଅନେକ ପୋଷକତତ୍ତ୍ୱ ମିଳିଥାଏ। ପ୍ରତ୍ୟେକ ଭାରତୀୟ ଏହାର ପତ୍ରକୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହାର କରନ୍ତି। ହେଲେ କେହି କେବେ ଧନିଆ ପତ୍ରରୁ ପ୍ରସ୍ତୁତ ହର୍ବାଲ ଚ' ପିଇନଥିବେ। ଆୟୁର୍ବେଦ ଏବଂ ଇରାନୀ ପରମ୍ପରାରେ ଧନିଆ ଚା'କୁ ମୁଣ୍ଡବିନ୍ଧା ଉପଚାର ପାଇଁ ବ୍ୟବହାର କରାଯାଇଆସୁଛି। ତେଣୁ ଏହା ସ୍ୱାସ୍ଥ୍ୟବର୍ଦ୍ଧକ ଓ ଏହାକୁ

## କେମିତି ପ୍ରସ୍ତୁତ କରିବେ

ଅଳ୍ପ ପାଣିରେ ଦୁଇ ଚାମଚ ଧନିଆ କିମ୍ବା ଛୋଟ ଛୋଟ କଟା ଧନିଆ ପତ୍ରକୁ ପ୍ରାୟ ଦୁଇ ମିନିଟ୍ ଫୁଟାଇବା ପରେ ଏହାକୁ ଛାଣି କରି ଧଣିଆ ଚା' କରିପାରିବେ। ଧନିଆ ଚା'ରେ ଆଣ୍ଟି ଇମଫ୍ଲେମେଟରୀ ଗୁଣ ଥିବାରୁ ଏହା ପେଟ ଜନିତ ସମସ୍ୟା ଦୂର କରିଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ଗ୍ୟାସ୍ ଏବଂ ପେଟ ଫୁଲା ସମସ୍ୟାକୁ କମ୍ କରିଥାଏ। ଯେଉଁମାନେ ପାଚନ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ସେମାନେ ପ୍ରତିଦିନ ସକାଳୁ ଏକ କପ୍ ଧନିଆ ଚା' ପିଇପାରିବେ। ଭାରତର ଶତାଧିକ ଲୋକଙ୍କର ମାଇଗ୍ରେନ୍ ତଥା ମୁଣ୍ଡ ବିନ୍ଧା ସମସ୍ୟା ରହିଛି। ଏହି କାରଣରୁ ଅନେକ ଜଣ ବାନ୍ତି କରନ୍ତି। ତେଣୁ ମାଇଗ୍ରେନ୍ ଯନ୍ତ୍ରଣାକୁ ଦୂର କରିବାକୁ ଧନିଆ ଚା' ପିଇବା ଫଳପ୍ରଦ। କେବଳ ସେତିକି ନୁହେଁ, ଓଜନ ନିୟନ୍ତ୍ରଣ ପାଇଁ ଏହା ସବୁଠୁ ଭଲ ମହୌଷଧୀ।






# ରାଜ୍ୟ ଖବର



# ରାଜ୍ୟସଭା ରାଜନୀତିରେ ଓଡ଼ିଶାର ହାଲ୍‌ଚାଲ







## ନାମାଙ୍କନ ଭରିଲେ ୫ ପ୍ରାର୍ଥୀ

ଭୁବନେଶ୍ୱର: ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଛନ୍ତି ୫ ପ୍ରାର୍ଥୀ । ସଂତୃପ୍ତ ମିଶ୍ର, ଦଢେଶ୍ୱର ହୋତା, ମନମୋହନ ସାମଲ ଓ ସୁଜିତ କୁମାର । କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ଭାବେ ଦଢେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ । ଏହି ସମୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଉପସ୍ଥିତ ଥିଲେ । ଉଲ୍ଲେଖ ଥାଉ କି ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଭାବେ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି ।ଓଡ଼ିଶାରେ ଖାଲି ପଡ଼ିଥିବା ରାଜ୍ୟ ସଭା ଆସନ ପାଇଁ ଗୁରୁବାର ନାମାଙ୍କନ ଦାଖଲ କରିବେ ୫ ପ୍ରାର୍ଥୀ। ଓଡ଼ିଶାରୁ ଏଥର ୪ ପ୍ରାର୍ଥୀ ରାଜ୍ୟ ସଭାକୁ ଯିବେ ।ଭାଜପା ପକ୍ଷରୁ ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ ହୋଇଥିବାବେଳେ ତୃତୀୟ ଆସନ ପାଇଁ ବିଜେଡିର ସଂତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଓ କଂଗ୍ରେସ କମନ କ୍ୟାଣ୍ଡେଟ ପ୍ରାର୍ଥୀ ଦଢେଶ୍ୱରଙ୍କୁ ସମର୍ଥନ ଦେବେ। ସେହିପରି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି ଦିଲ୍ଲୀପ ରାୟ।



## ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଦିଲ୍ଲୀପ ରାୟ

ଭୁବନେଶ୍ୱର: ରାଜ୍ୟ ସଭା ନିର୍ବାଚନ ପାଇଁ ଓଡ଼ିଶା ରାଜନୀତି ସରଗରମ ରହିଛି। ଆସନ୍ତା ୧୬ରେ ଅନୁଷ୍ଠିତ ହେବ ରାଜ୍ୟ ସଭା ନିର୍ବାଚନ। କହିବାକୁ ଗଲେ ୩ଟି ଆସନ ପାଇଁ ଭୋଟ ହେବାର ସମ୍ଭାବନା ନାହିଁ। ହେଲେ ୪ର୍ଥ ଆସନକୁ ନେଇ ଯେଉଁ ଚର୍ଚ୍ଚା ଆଲୋଚନା ଚାଲିଥିଲା ସେଥିରେ ଏକ ନୂଆ ଅଙ୍କ ଦେଖିବାକୁ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ଗତ ବିଧାନସଭା ନିର୍ବାଚନରେ ରାଉରକେଲା ଆସନରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ତଥା ବ୍ୟବସାୟୀ ଦିଲୀପ ରାୟ ମଇଦାନକୁ ଓହ୍ଲାଇ ଥିବାବେଳେ ତାଙ୍କୁ ସମର୍ଥନ କରିଛି ଭାଜପା। ଭାଜପାର ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି ଦିଲ୍ଲୀପ ରାୟ। ରାଜ୍ୟ ସଭା ସ୍ୱାଧୀନ ପ୍ରାର୍ଥୀ ଭାବେ ସମର୍ଥନ ପାଇଁ ଦିଲ୍ଲୀପ ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ଦିଲ୍ଲୀପ।



## ଉଦାହରଣ ସାଜିବେ କି ଦିଲ୍ଲୀପ ରାୟ ?

ଓଡ଼ିଶା ରାଜନୀତିର ଜଣେ ଭେଟେରାନ ତଥା ପ୍ରଭାବଶାଳୀ ନେତା ଭାବେ ଦିଲ୍ଲୀପ ରାୟଙ୍କ ନାମ ସର୍ବଦା ଚର୍ଚ୍ଚାରେ ରହିଥାଏ। ବର୍ତ୍ତମାନ ରାଜ୍ୟସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ, ତାଙ୍କୁ ନେଇ ପୁଣି ଥରେ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ପ୍ରଶ୍ନ ଉଠୁଛି, ଦିଲ୍ଲୀପ ରାୟ କ'ଣ ପୁଣି ଥରେ ସଂସଦର ଉପର ସଦନକୁ ଯାଇ ଏକ ନୂଆ ଉଦାହରଣ ସୃଷ୍ଟି କରିବେ ?

### ରାଜନୈତିକ ପୃଷ୍ଠଭୂମି ଓ ପ୍ରଭାବ

ଦିଲ୍ଲୀପ ରାୟ କେବଳ ଜଣେ ଶିଳ୍ପପତି ନୁହନ୍ତି, ବରଂ ବିଜୁ ପଟ୍ଟନାୟକଙ୍କ ଅତି ଘନିଷ୍ଠ ସହଯୋଗୀ ଭାବେ ସେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ରାଉରକେଲାରୁ ବିଧାୟକ, ରାଜ୍ୟରେ ମନ୍ତ୍ରୀ ଏବଂ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଭାବେ ସେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ବିଭିନ୍ନ ଦଳରେ ରହି ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ଓ ସମର୍ଥକ ଗୋଷ୍ଠୀ ବଜାୟ ରଖିବାରେ ସଫଳ ହୋଇଛନ୍ତି ।ବର୍ତ୍ତମାନର ସମୀକରଣ

ଓଡ଼ିଶାରେ ସତ୍ତା ପରିବର୍ତ୍ତନ ପରେ ବିଜେପି ବର୍ତ୍ତମାନ ଶକ୍ତିଶାଳୀ ସ୍ଥିତିରେ ଅଛି। ଦିଲ୍ଲୀପ ରାୟ ପୂର୍ବରୁ ବିଜେପିରେ ଥିଲେ ଏବଂ ନିକଟରେ ସେ ପୁଣି ସକ୍ରିୟ ହୋଇଛନ୍ତି। ରାଜ୍ୟସଭା ନିର୍ବାଚନରେ ସଂଖ୍ୟା ଗଣିତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ବିଜେପି ତାଙ୍କୁ ପ୍ରାର୍ଥୀ କରେ, ତେବେ ଏହା କେବଳ ଏକ ନିର୍ବାଚନୀ ପ୍ରକ୍ରିୟା ହେବ ନାହିଁ, ବରଂ ପଶ୍ଚିମ ଓଡ଼ିଶା ଏବଂ ବିଶେଷ କରି ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲ୍ଲାରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବାର ଏକ ରଣନୀତି ହେବ।

### ସେ କାହିଁକି ଉଦାହରଣ ହୋଇପାରନ୍ତି ?

ଦିଲ୍ଲୀପ ରାୟଙ୍କର ସବୁ ଦଳର ନେତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରହିଛି। ଅନେକ ସମୟରେ ରାଜ୍ୟସଭା ନିର୍ବାଚନରେ 'ଅନ୍ତରାତ୍ମାର ଭୋଟ' କଥା ଉଠେ। ତାଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କ କ୍ଷେତ୍ରରେ ଦଳୀୟ ସୀମା ବାହାରକୁ ଯାଇ ସମର୍ଥନ ମିଳିବାର ସମ୍ଭାବନା ଥାଏ। ରାଉରକେଲା ଆଇଜିଏଚ୍ (IGH) ର ଉନ୍ନତିକରଣ ଏବଂ ସ୍ଥାନୀୟ ବିକାଶ ପାଇଁ ସେ କରିଥିବା ସଂଘର୍ଷ ଲୋକଙ୍କ ମନରେ ଏବେ ବି ଜୀବିତ। ତାଙ୍କୁ ରାଜ୍ୟସଭାକୁ ପଠାଇବା ଅର୍ଥ ହେଉଛି ଜଣେ ବିକାଶବାଦୀ ନେତାଙ୍କୁ ସମ୍ମାନ ଦେବା। ଦୀର୍ଘ ଦିନର ଆଇନଗତ ସଂଘର୍ଷ ପରେ ସେ କୋର୍ଟରୁ କ୍ଲିନ୍ ଚିଟ୍ ପାଇବା ତାଙ୍କ ପାଇଁ ଏକ ବଡ଼ ନୈତିକ ବିଜୟ। ଏହା ତାଙ୍କ ରାଜନୈତିକ ପୁନର୍ଜନ୍ମ ପାଇଁ ପଥ ପରିଷ୍କାର କରିଛି ।ଯଦିଓ ତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି, କିନ୍ତୁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନୂଆ ଚେହେରାଙ୍କୁ ପ୍ରାଧାନ୍ୟ ଦେବାର ସଂସ୍କୃତି ରଖିଛନ୍ତି। ଏଭଳି ସ୍ଥିତିରେ ଦିଲ୍ଲୀପ ରାୟଙ୍କ ଅଭିଜ୍ଞତାକୁ ଦଳ କିପରି ବ୍ୟବହାର କରିବ, ତାହା ଦେଖିବାକୁ ବାକି ରହିଲା। ଯଦି ସେ ନିର୍ବିରୋଧ ଭାବେ କିମ୍ବା ବଡ଼ ବ୍ୟବଧାନରେ ବିଜୟୀ ହୁଅନ୍ତି, ତେବେ ଏହା ଓଡ଼ିଶା ରାଜନୀତିରେ 'ଅଭିଜ୍ଞତାର ପ୍ରତ୍ୟାବର୍ତ୍ତନ' ଭାବେ ଏକ ନୂଆ ଉଦାହରଣ ସାଜିବ। ପରିଶେଷରେ, ଦିଲ୍ଲୀପ ରାୟ ଓଡ଼ିଶା ରାଜନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ରାଜ୍ୟସଭା ନିର୍ବାଚନରେ ତାଙ୍କର ପ୍ରାର୍ଥୀତ୍ୱ କେବଳ ରାଜନୈତିକ ସମୀକରଣ ବଦଳାଇବ ନାହିଁ, ବରଂ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଦିଲ୍ଲୀ ଦରବାରରେ ଏକ ଶକ୍ତ ସ୍ୱର ପହଞ୍ଚାଇବାରେ ସାହାଯ୍ୟ କରିବ। ସେ ଉଦାହରଣ ସାଜିବେ କି ନାହିଁ, ତାହା ସମୟ କହିବ, କିନ୍ତୁ ତାଙ୍କ ନାମର ପ୍ରଭାବ ଯେ ନିର୍ବାଚନ ମଇଦାନକୁ ଗରମ କରି ରଖିବ, ଏଥିରେ ସନ୍ଦେହ ନାହିଁ।

## ହଟୁନି ଛିଣ୍ଡା, କଳଙ୍କିଲଗା ହୋର୍ଡିଂ

ଭୁବନେଶ୍ୱର: ପାଣିପାଗ ବିଭାଗ କାଳବୈଶାଖୀ ନେଇ ସତର୍କଘଣ୍ଟି ଶୁଣାଇଛି। ତଥାପି ଭୁବନେଶ୍ୱର ମହାନଗର ନିଗମର ନିଦ ଭାଙ୍ଗୁନି। ସହର ସାରା ଏବେ ବି ଛିଣ୍ଡା ଓ କଳଙ୍କିଲଗା ହୋର୍ଡିଂ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲେ ବି ଅଦ୍ୟାବଧି ଏହାକୁ ହଟାଯାଉନି। ସେ ସହର ଭିତର କଥା ହେଉ କି ଉପକଣ୍ଠ, ସବୁଠି ଏଭଳି ବିପଦପୂର୍ଣ୍ଣ ହୋର୍ଡିଂ ସବୁ ଝୁଲି ରହିଛି। ସେପଟେ ନିଜ ନିଜ ହୋର୍ଡିଂର ସ୍ଥିତାବସ୍ଥା



ଜଣାଇବାକୁ ସମସ୍ତ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି କେହି ହୋର୍ଡିଂଗୁଡ଼ିକର ସ୍ଥିତାବସ୍ଥା ଜଣାଇନାହାନ୍ତି। ଯାହା ଆଇଗିଣିଆ ଭଳି ଅଘଟଣର ପୁନରାବୃତ୍ତି ଘଟାଇବାର ଆଶଙ୍କା ସୃଷ୍ଟି କରିଛି।


ଗତ ଫେବ୍ରୁଆରି ୨୫ରେ ଆଇଗିଣିଆଠାରେ କାଳବୈଶାଖୀ ବର୍ଷାରୁ ବର୍ତ୍ତିବା ପାଇଁ ଏକ କେବିନରେ ଆଶ୍ରୟ ନେଇଥିବା ୨ଜଣଙ୍କର ପ୍ରାଣ ନେଇଥିଲା ହୋର୍ଡିଂ। ଏକ ବିରାଟକାୟ ହୋର୍ଡିଂ ଭାଙ୍ଗି ଖସିପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ସହ ୬ଜଣ ଆହତ ହୋଇଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ପରେ ଭୁବନେଶ୍ୱର ମହାନଗର ନିଗମ ସଂପୃକ୍ତ ହୋର୍ଡିଂକୁ ବେଆଇନ ଘୋଷଣା କରିବା ସହ ହୋର୍ଡିଂ ଲଗାଇଥିବା ସଂସ୍ଥା ନାଁରେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅପରପକ୍ଷେ ତତ୍କାଳ ହୋର୍ଡିଂ ପରିଚାଳନା କମିଟି ସହ ଏକ ଜରୁରୀ ବୈଠକ ଡାକି ଏହି ଅଘଟଣ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲା। ବୈଠକରେ ହୋର୍ଡିଂ ବିଜ୍ଞାପନ ଏଜେନ୍ସିମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ହୋର୍ଡିଂର ତୃତୀୟ ପକ୍ଷ ବୀମା କରିବାକୁ ଏଜେନ୍ସିମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ଅନୁବନ୍ଧିତ ଏଜେନ୍ସିଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡିକର ସ୍ଥାୟିତ୍ୱ ପ୍ରମାଣପତ୍ର ଦେବାକୁ କୁହାଯାଇଥିଲା। ସମସ୍ତ ହୋର୍ଡିଂର ଷ୍ଟ୍ରକଚର କିପରି ପରିଚାଳନା, ଦେଖାଶୁଣା ହେବ, ଏହା କିଭଳି ସୁରକ୍ଷିତ ରହିବ, ତାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଥିଲା। ସମସ୍ତେ ତୁରନ୍ତ ନିଜ ନିଜର ହୋର୍ଡିଂଗୁଡିକର ସ୍ଥିତି ସଂପର୍କିତ ରିପୋର୍ଟ ଦେବା ସହ ମରାଯାଇଥିବା ହୋର୍ଡିଂରେ ନିଜ ସଂସ୍ଥାର ନାମ ଲେଖିବାକୁ କୁହାଯାଇଥିଲା। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କଳଙ୍କି ଲାଗି ଯାଇଥିବା, ଛିଣ୍ଡି ଯାଇଥିବା ଅବା ଚିରିଯାଇଥିବା ହୋର୍ଡିଂ ତତ୍କାଳ କାଟି ବାହାର କରିବା, ଆବଶ୍ୟକସ୍ଥଳେ ସଂପୂର୍ଣ୍ଣ ହୋର୍ଡିଂକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା।







# ନବୀନଙ୍କ ବେକେ ଭକ୍ତ ତାବିଜ





ଭୁବନେଶ୍ୱର: ଓଡ଼ିଶା ରାଜନୀତି ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଇ ଗତି କରୁଛି। ନିକଟରେ ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା ତଥା ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବିତ କରିବା ଘଟଣା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏହି ପଦକ୍ଷେପକୁ କେତେକ ରାଜନୈତିକ ସମୀକ୍ଷକ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ 'ଅନୁଶାସନ ନୀତି' ସହ ତୁଳନା କରୁଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିବା ନବୀନଙ୍କ ପାଇଁ ନୂଆ କଥା ନୁହେଁ, କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଏହା କେତେଦୂର ଠିକ୍ ବା ଭୁଲ୍, ତାହା ଏକ ବଡ଼ ବିତର୍କର ବିଷୟ। ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେଡିର ଏକ ଜଣାଶୁଣା ଚେହେରା ଏବଂ କଟକ ରାଜନୀତିରେ ତାଙ୍କର ଦବଦବା ରହିଛି। ତେବେ ଗତ କିଛି ସମୟ ଧରି ତାଙ୍କର କାର୍ଯ୍ୟକଳାପ ଦଳୀୟ ଶୃଙ୍ଖଳା ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା। ବିଶେଷ କରି ସାଧାରଣ ନିର୍ବାଚନ ପରେ ଦଳ ମଧ୍ୟରେ ଥିବା ଅନ୍ତଃକନ୍ଦଳକୁ ରୋକିବା ପାଇଁ ନବୀନ ପଟ୍ଟନାୟକ 'କ୍ଲିନ୍ ଇମେଜ୍' ବଜାୟ ରଖିବାକୁ ଚାହୁଁଛନ୍ତି। ଭକ୍ତ ଚରଣ ଦାସ ଯେପରି କଂଗ୍ରେସରେ ଶୃଙ୍ଖଳା ଫେରାଇ ଆଣିବାକୁ କଠୋର ପଦକ୍ଷେପ ନେଉଛନ୍ତି, ନବୀନ ବୋଧହୁଏ ସେହିପରି ଏକ ସନ୍ଦେଶ ଦେବାକୁ ଚାହୁଁଛନ୍ତି ଯେ ଦଳରୁ କେହି ବି ବଡ଼ ନୁହନ୍ତି। ବାସ୍ତବ ରେ

### ଏହି ନିଷ୍ପତ୍ତି କେତେଦୂର ଠିକ୍?

ଏକ ପଟରେ ଯେକୌଣସି ରାଜନୈତିକ ଦଳ ପାଇଁ ଅନୁଶାସନ ହେଉଛି ମୂଳଦୁଆ। ଯଦି ଜଣେ ବରିଷ୍ଠ ନେତା ଦଳର ନିଷ୍ପତ୍ତି ବିରୋଧରେ ଯାଆନ୍ତି କିମ୍ବା ସମାନ୍ତରାଳ ସଂଗଠନ ଚଳାନ୍ତି, ତେବେ ତାହା ତୃଣମୂଳ ସ୍ତରର କର୍ମୀଙ୍କ ମନୋବଳ ଭାଙ୍ଗିଦିଏ। ଏହି ଦୃଷ୍ଟିକୋଣରୁ ନବୀନଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ଡଃ ପ୍ରଭାତ ବିଶ୍ୱାଳଙ୍କ ଭଳି ଜଣେ ଟାଣୁଆ ନେତାଙ୍କୁ ନିଲମ୍ବନ କରି ନବୀନ ପଟ୍ଟନାୟକ ଅନ୍ୟ ଅସନ୍ତୁଷ୍ଟ ନେତାମାନଙ୍କୁ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ 'ଦଳ ପ୍ରଥମ, ବ୍ୟକ୍ତି ପରେ'। ଏହା ଦ୍ୱାରା ଅନ୍ୟମାନେ ଦଳ ବିରୋଧୀ କାର୍ଯ୍ୟରୁ ନିବୃତ୍ତ ରହିବେ।ବିଜେଡି ବର୍ତ୍ତମାନ ବିରୋଧୀ ଆସନରେ ବସିଛି। ଏଭଳି ସମୟରେ ପୁରୁଣା ଏବଂ ବିବାଦୀୟ ନେତାଙ୍କୁ ଦୂରେଇ ନୂଆ ଓ ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ଯୁବ ନେତାଙ୍କୁ ସୁଯୋଗ ଦେବା ଦଳର ଭବିଷ୍ୟତ ପାଇଁ ଲାଭଦାୟକ ହୋଇପାରେ।

ଅନ୍ୟ ପଟେ ଡଃ ବିଶ୍ୱାଳ କେବଳ ଜଣେ ନେତା ନୁହନ୍ତି, କଟକ ଜିଲ୍ଲାରେ ତାଙ୍କର ଏକ ବଡ଼ ସମର୍ଥକ ଗୋଷ୍ଠୀ ରହିଛି। ତାଙ୍କୁ ବାହାର କରିବା ଦ୍ୱାରା ଦଳର ଭୋଟ୍ ବ୍ୟାଙ୍କ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି। ବିଶେଷ କରି ଆଗାମୀ ପୌର ନିର୍ବାଚନ କିମ୍ବା ଉପ-ନିର୍ବାଚନରେ ବିଜେଡି ଏଥିପାଇଁ ମୂଲ୍ୟ ଦେଇପାରେ।

ଅନେକ ସମୟରେ ଅଭିଯୋଗ ହୁଏ ଯେ ଦଳରେ ଥିବା କିଛି ପ୍ରଭାବଶାଳୀ ଗୋଷ୍ଠୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସୁପ୍ରିମୋଙ୍କୁ ଭୁଲ୍ ତଥ୍ୟ ଦେଇ ବରିଷ୍ଠ ନେତାଙ୍କୁ ଦୂରେଇ ଦିଅନ୍ତି। ଯଦି ପ୍ରଭାତଙ୍କୁ ପକ୍ଷ ରଖିବାର ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇ ନାହିଁ, ତେବେ ଏହା ଏକତରଫା ନିଷ୍ପତ୍ତି ଭଳି ମନେହେଉଛି।ଜଣେ ଅଭିଜ୍ଞ ନେତା ଦଳରୁ ବାହାରିବା ମାନେ ବିରୋଧୀ ବିଜେପି କିମ୍ବା କଂଗ୍ରେସ ପାଇଁ ଦ୍ୱାର ଖୋଲିଯିବା। ଯଦି ପ୍ରଭାତ ଅନ୍ୟ ଦଳରେ ଯୋଗ ଦିଅନ୍ତି, ତେବେ ସେ ବିଜେଡିର ଗଡ଼ରେ ସିନ୍ଧି କରିବାର କ୍ଷମତା ରଖନ୍ତି। ଜଣାଯାଏ ଯେ, କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ନିଜ ଦଳରେ 'ଶୂନ୍ୟ ସହନଶୀଳତା' (**Zero Tolerance**) ନୀତି ଆପଣେଇଛନ୍ତି। ଯେଉଁମାନେ ଦଳର ଶୃଙ୍ଖଳା ମାନୁ ନାହାନ୍ତି, ସେମାନଙ୍କୁ ସେ କୌଣସି ଖାତିର ନକରି ବାହାର କରୁଛନ୍ତି। ନବୀନ ପଟ୍ଟନାୟକ ବର୍ତ୍ତମାନ ପ୍ରାୟ ସମାନ ପଦ୍ଧତି ଆପଣାଉଥିବା ଜଣାପଡୁଛି। ପୂର୍ବରୁ ବିଜେଡିରେ ନିଷ୍ପତ୍ତି ଗୁଡ଼ିକ ଅଧିକାଂଶ ସମୟରେ ଗୋପନୀୟ ରହୁଥିଲା, କିନ୍ତୁ ଏବେ ଖୋଲାଖୋଲି ଭାବେ ନିଲମ୍ବନ କରାଯିବା ଦର୍ଶାଉଛି ଯେ ଦଳ ନିଜର ହୃତ ଗୌରବ ଫେରାଇ ଆଣିବାକୁ ଚାହୁଁଛି। ଡଃ ବିଶ୍ୱାଳଙ୍କ ନିଲମ୍ବନ କେବଳ ଜଣେ ବ୍ୟକ୍ତିଙ୍କ କଥା ନୁହେଁ, ଏହା ଏକ ପରିବର୍ତ୍ତନଶୀଳ ରାଜନୈତିକ ବ୍ୟବସ୍ଥାର ସଙ୍କେତ। ଯଦି ଏହି ନୀତି ସମସ୍ତଙ୍କ ପାଇଁ ସମାନ ହୁଏ, ତେବେ ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଯଦି ଏହା କେବଳ ବାସନ୍ଦ ରାଜନୀତିର ଏକ ଅଂଶ ହୁଏ, ତେବେ ଦଳ ପାଇଁ ବିପଦ ଆଣିପାରେ।କୌଣସି ବି ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ କିମ୍ବା ଭୁଲ୍ ନଥାଏ, ତାହା ପରିସ୍ଥିତି ଏବଂ ସମୟ ଉପରେ ନିର୍ଭର କରେ। ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପ ଦଳକୁ ସୁସଂଗଠିତ କରିବା ପାଇଁ ଏକ 'ପ୍ରାୟଶ୍ଚିତ ବା ସଂଶୋଧନ' ପ୍ରକ୍ରିୟା ହୋଇପାରେ। ତେବେ ପ୍ରଭାତ ବିଶ୍ୱାଳଙ୍କ ଭଳି ନେତାଙ୍କୁ ଦଳରୁ ବାହାର କରିବା ଦ୍ୱାରା ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେବ, ତାହାକୁ ବିଜେଡି କିପରି ପୂରଣ କରୁଛି, ତାହା ଦେଖିବାକୁ ବାକି ରହିଲା। ଶେଷରେ, ଗଣତନ୍ତ୍ରରେ ଜନତାଙ୍କ ଅଦାଲତରେ ହିଁ ସବୁ ନିଷ୍ପତ୍ତିର ଅସଲ ମୂଲ୍ୟାଙ୍କନ ହୋଇଥାଏ। ଆଗାମୀ ଦିନରେ କଟକର ଜନସାଧାରଣ ଏବଂ ବିଜେଡିର କର୍ମୀମାନେ ଏହାକୁ କିଭଳି ଗ୍ରହଣ କରୁଛନ୍ତି, ତାହା ହିଁ ଏହି ନିଷ୍ପତ୍ତିର ସଫଳତା ବା ବିଫଳତା ନିର୍ଣ୍ଣୟ କରିବ। କିନ୍ତୁ ବର୍ତ୍ତମାନ ଏକ କଥା ଉଠିଛି ଯେ,'ନବୀନ ଙ୍କ ବେକରେ ଭକ୍ତ ଦାସ ଙ୍କ ଡେଉଁରିଆ' ତାହା କେତେ ଦୂର କାମ କରୁଛି ତାହା ଦେଖିବାକୁ ବାକି ରହିଲା।

# ତୈଳ ସଙ୍କଟ ଆଶଙ୍କା: ଯୁଦ୍ଧ ଯୋଗୁଁ ପ୍ରଭାବିତ ହୋଇପାରେ ଶକ୍ତି ସୁରକ୍ଷା ଓ ଆମଦାନୀ

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ବର୍ତ୍ତମାନ ବିଶ୍ୱ ବଜାରରେ ତୈଳ ଦରକୁ ଅହେତୁକ ଭାବେ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଛି, ଯାହା ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବିଶେଷ କରି ସାମୁଦ୍ରିକ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ 'ହର୍ମୁଜ ଜଳସନ୍ଧି' ଯୁଦ୍ଧ କାରଣରୁ ବାଧାପ୍ରାପ୍ତ ହେବାର ସମ୍ଭାବନା ଦେଖାଦେଇଛି। ଏହି ସଂକୀର୍ଣ୍ଣ ଜଳପଥ ଦେଇ ଦେଶକୁ ଆସୁଥିବା କ୍ରୁଡ୍ ତୈଳ ଏବଂ ତରଳ ପ୍ରାକୃତିକ ଗ୍ୟାସ୍ ଯୋଗାଣ ବନ୍ଦ ହେଲେ ଘରୋଇ ବଜାରରେ ଇନ୍ଧନ ଦର ଆକାଶଛୁଆଁ ହୋଇପାରେ।



ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ବ୍ୟବହାରକାରୀ ଦେଶ ଏବଂ ନିଜର ପ୍ରାୟ ୮୫ ରୁ ୮୮ ପ୍ରତିଶତ କ୍ରୁଡ୍ ତୈଳ ବିଦେଶରୁ ଆମଦାନୀ କରେ। ଏହାର ପ୍ରାୟ ଅର୍ଦ୍ଧାଂଶ ଅର୍ଥାତ୍ ଦୈନିକ ୨.୫ ରୁ ୨.୭ ମିଲିୟନ ବ୍ୟାରେଲ ହର୍ମୁଜ ଜଳସନ୍ଧି ଦେଇ ଆସେ। ଏହା ସହିତ ଦେଶର ୮୦ ରୁ ୮୫ ପ୍ରତିଶତ ଏଲପିଜି ଏବଂ ୬୦ ପ୍ରତିଶତ ଏଲଏନଜି ମଧ୍ୟ ଏହି ଏକମାତ୍ର ପଥ ଦେଇ ପହଞ୍ଚେ। ଯୁଦ୍ଧ ଯୋଗୁଁ ଏହି ଜଳସନ୍ଧି ବନ୍ଦ ହେଲେ ତୈଳ ଓ ଗ୍ୟାସ୍ ଆମଦାନୀ ପ୍ରଭାବିତ ହେବ ଏବଂ ବିଶ୍ୱ ବଜାରରେ କ୍ରୁଡ୍ ତୈଳ ଦର ପ୍ରତି ବ୍ୟାରେଲ ୧୦୦ ଡଲାର ଛୁଇଁ ପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଭାରତର ବାର୍ଷିକ ଆମଦାନୀ ବିଲ୍ଲୁ ବହୁ କୋଟି ଟଙ୍କା ବଢ଼ାଇଦେବ।

ପ୍ରତି ଏକ ଡଲାର ତୈଳ ଦର ବୃଦ୍ଧି ଭାରତର ଆମଦାନୀ ବିଲ୍ଲୁ ପ୍ରାୟ ଦୁଇ ବିଲିୟନ ଡଲାର ବା ୧୬,୦୦୦ କୋଟି ଟଙ୍କା ବଢ଼ାଇଦିଏ। ଯଦି ଦର ୧୦ ଡଲାର ବଢ଼େ ତେବେ ବାଣିଜ୍ୟ ଘାଟ ବଢ଼ିବ, ରୁପୟା ଦୁର୍ବଳ ହେବ ଏବଂ ମୁଦ୍ରାସ୍ଫୀତି ବଢ଼ିବ। ପେଟ୍ରୋଲ, ଡିଜେଲ୍, ଏଲପିଜି ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପାଇବା ସହ ପରିବହନ, ଉତ୍ପାଦନ ଓ କୃଷି ଖର୍ଚ୍ଚ ବଢ଼ିବ। ଖାଦ୍ୟ ତୈଳ, ସାର ଓ ଅନ୍ୟାନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ। ଏହା ଦେଶର ଅର୍ଥନୈତିକ ବୃଦ୍ଧିକୁ ମଧ୍ୟ ୦.୨ ରୁ ୦.୩ ପ୍ରତିଶତ ହ୍ରାସ କରିପାରେ ବୋଲି ଅର୍ଥନୀତିବିଦମାନେ ଚେତାବନୀ ଦେଇଛନ୍ତି। ଏହି ସଙ୍କଟର ମୁକାବିଲା ପାଇଁ ସରକାର କେତେକ ଜରୁରୀ ପଦକ୍ଷେପ ନେଉଛନ୍ତି। ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ୍ ବ୍ୟବହାର କରି କିଛି ଦିନର ଆବଶ୍ୟକତା ପୂରଣ କରାଯିବ। ରଷିଆ, ଇରାକ୍ ଓ ସାଉଦି ଆରବ ଭଳି ଅନ୍ୟ ଦେଶରୁ ଆମଦାନୀ ବଢ଼ାଇବା ପାଇଁ ଚେଷ୍ଟା ଚାଲିଛି। ନୌସେନା ଓ ବାୟୁସେନାକୁ ସତର୍କ ରଖାଯାଇଛି ଯାହା ଦ୍ୱାରା ଜଳପଥରେ ଭାରତୀୟ ଜାହାଜର ସୁରକ୍ଷା ନିଶ୍ଚିତ କରାଯାଇପାରିବ। ଏହା ସହିତ ଦେଶୀୟ ତୈଳ ଉତ୍ପାଦନ ବଢ଼ାଇବା ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ସରେ ଅଧିକ ନିବେଶ କରିବାର ଯୋଜନା ମଧ୍ୟ ତ୍ୱରାନ୍ୱିତ କରାଯାଉଛି।

ବର୍ତ୍ତମାନ ବ୍ରେଣ୍ଟ କ୍ରୁଡ୍ ତୈଳ ଦର ପ୍ରତି ବ୍ୟାରେଲ ୭୮ ରୁ ୮୦ ଡଲାର ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଯଦି ସଙ୍କଟ ଦୀର୍ଘସ୍ଥାୟୀ ହୁଏ ତେବେ ଏହା ୧୦୦ ଡଲାର ଅତିକ୍ରମ କରିପାରେ। ଏହା ଭାରତର ଅର୍ଥନୀତିକୁ ଗଭୀର ଆଘାତ ଦେବାର ଆଶଙ୍କା ରହିଛି। ତେଣୁ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିଛନ୍ତି। ସାଧାରଣ ଲୋକଙ୍କୁ ଅନାବଶ୍ୟକ ଆତଙ୍କିତ ନ ହେବାକୁ ଏବଂ ବିଶ୍ୱସନୀୟ ସୂତ୍ରରୁ ଖବର ନେବାକୁ ପରାମର୍ଶ ଦିଆଯାଉଛି। ଏହି ସଙ୍କଟ ଶୀଘ୍ର ସମାଧାନ ହେଲେ ପ୍ରଭାବ ସୀମିତ ରହିବ, କିନ୍ତୁ ଦୀର୍ଘସ୍ଥାୟୀ ହେଲେ ଦେଶର ଶକ୍ତି ସୁରକ୍ଷା ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ସରକାର ଏହି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିଛନ୍ତି ଏବଂ ଜନସାଧାରଣଙ୍କ ସୁରକ୍ଷା ।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com,
Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ